

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୭ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 JULY 2021

Vol.No. 32 ■ No. 191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ୟେଦିୟୁରପ୍ପା

କର୍ଣ୍ଣାଟକ,୨୬/୦୭ (ନି.ପ୍ର): କର୍ଣ୍ଣାଟକ ରାଜନୀତି ସରଗରମ । କିଛିଦିନର ଆଲୋଚନା ପରେ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ୟେଦିୟୁରପ୍ପା । ସେ ରାଜଭବନରେ ପହଂଚି ରାଜ୍ୟପାଳଙ୍କୁ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଭାବୁକ ହୋଇପଡିଥିଲେ ୟେଦିୟୁରପ୍ପା । ସେ କହିଥିଲେ କି ତାଙ୍କ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବ ମଞ୍ଚରେ ଭାବବିହ୍ୱଳ ହୋଇ କୋହଭରା କଣ୍ଠରେ ୟେଦିୟୁରପ୍ପା କହିଲେ, ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ବେଳେ ମତେ କେନ୍ଦ୍ରରେ ମନ୍ତ୍ରୀ ହେବାକୁ କହିଥିଲେ। କିନ୍ତୁ, କର୍ଣ୍ଣାଟକରେ ମନ୍ତ୍ରୀ ହେବି ବୋଲି ମୁଁ କହିଥିଲି। ଏହାସହ ୭୫



ବର୍ଷ ବୟସରେ ୨ ବର୍ଷ ପାଇଁ ତାଙ୍କୁ ଦଳର ନେତୃତ୍ୱ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଭାବେ ଲୋକଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ ଆହୁରି କହିଛନ୍ତି କି କେନ୍ଦ୍ର ନେତାମାନଙ୍କ ଅଶା ମୁତାବକ ରାଜ୍ୟରେ ପାର୍ଟିକୁ ମଜବୁତ କରିବା ପାଇଁ ସେ କାମ କରିବେ ବୋଲି ୟେଦିୟୁରପ୍ପା କହିଛନ୍ତି । ସେ ତାଙ୍କ ଭାଷଣରେ କହିଥିଲେ କି ସେ ଆରମ୍ଭରୁ ଅଗ୍ନିପରୀକ୍ଷାକୁ ସାମ୍ନା କରିଛନ୍ତି । କଠିନ ପରିସ୍ଥିତି ମଧ୍ୟରେ ୨ ବର୍ଷ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ କାମ କରିଛନ୍ତି । ଅନ୍ୟପଟେ ୟେଦିୟୁରପ୍ପାଙ୍କ ପରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଦୌଡରେ କିଛି ବିଜେପି ନେତାଙ୍କ ନାମ ଆସିଛି । ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ବି.ଏଲ ସନ୍ତୋଷ, ସିଟି ରବି, ବାସବରାଜ ବେମ୍ମୋଇ, ଅରବିନ୍ଦ ବେଲାଡଙ୍କ ନାମ ଚର୍ଚ୍ଚା ହେଉଛି ।

## ବିଜେପି ବିରୋଧୀ ସାମ୍ମୁଖ୍ୟ ଗଠନ ପାଇଁ ତତ୍ପରତା

■ ବିରୋଧୀଦଳ ନେତାଙ୍କ ବୈଠକ ଡାକିଲେ ମମତା

■ ଆଜି ଦିଲ୍ଲୀ ଆସୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ପଶ୍ଚିମବଙ୍ଗ,୨୬/୦୭ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦିଲ୍ଲୀ ଉପରେ ନଜର । ଆଜି ଦିଲ୍ଲୀ ଆସୁଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ୩୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ରହିବେ । ଏହି ସମୟରେ ବିଜେପି ବିରୋଧୀ ସାମ୍ମୁଖ୍ୟର ରୂପରେଖ ପ୍ରସ୍ତୁତ କରିବା ପାଇଁ ମଧ୍ୟ ପ୍ରୟାସ ଆରମ୍ଭ କରିଦେଇଛନ୍ତି । ସୋନିଆ ଗାନ୍ଧିଙ୍କ ସହ ମମତା ବାନାର୍ଜୀ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ୨୮ ତାରିଖରେ ମମତା ବଙ୍ଗ ଭବନରେ ବିରୋଧୀ ଦଳ ନେତାଙ୍କର ବୈଠକ ଡାକିଛନ୍ତି । ସେହିଦିନ ହିଁ ମମତା ବାନାର୍ଜୀଙ୍କ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ବିଜେପି ବିରୋଧରେ ସାମ୍ମୁଖ୍ୟ ଗଠନ ପାଇଁ ମମତା ବାନାର୍ଜୀ ଡାକିଥିବା ବୈଠକରେ କଂଗ୍ରେସ, ଏନସିପି ସମେତ ପ୍ରାୟ ୧୦ଟି ଦଳର ନେତା ସାମିଲ ହେବେ । ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ଓ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ମଧ୍ୟ ବିଜେପି ବିରୋଧୀ ସାମ୍ମୁଖ୍ୟ ଗଠନ ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଜଣାପଡ଼ିଛି ।

### ଫେରିଲେ ଅଲିମ୍ପିକ୍ସ ପଦକ ବିଜୟୀନି ମୀରାବାଇ ଚାନୁ : ଦିଲ୍ଲୀ ଏୟାରପୋର୍ଟରେ ଦିଆଗଲା ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ,୨୬/୦୭: ଅଲିମ୍ପିକ୍ସରେ ଚମତ୍କାର ଦେଖାଇ ସ୍ୱଦେଶ ଫେରିଲେ ଚାନୁ । ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ବିଜେତା ମୀରାବାଇ ଚାନୁ ଆଜି ଆସି ଦିଲ୍ଲୀ ବିମାନବନ୍ଦରରେ ପହଂଚିଛନ୍ତି । ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ବିଭିନ୍ନ ସ୍ଲୋଗାନ ଦେଇ ଦିଲ୍ଲୀ ବିମାନ ବନ୍ଦରରେ ତାଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଭାରତ ମାତାକୀ ଜୟ ଧ୍ୱନିରେ କମ୍ପି ଯାଇଥିଲା ପୁରା ପରିବେଶ । ଶନିବାର ଦିନ ଟୋକିଓ ଅଲିମ୍ପିକ୍ସରେ ୪୯ କେଜି ବର୍ଗରେ ଚାନୁଙ୍କୁ ରୌପ୍ୟ ପଦକ ମିଳିଛି । କ୍ଲିନ୍ ଆଣ୍ଡ ଜର୍କରେ ଚାନୁ ଦ୍ୱିତୀୟ ପ୍ରୟାସରେ ୧୧୫ କେଜି ଓଜନ ଉଠାଇବାରେ ସଫଳ ହୋଇଥିଲେ । ଏହାକୁ ମିଶାଇ ସେ ମୋଟ୍ ▶▶ପୃଷ୍ଠା ୭

## ପୁଣି ସୀମା ଡେଇଁଲା ଚୀନ

### ପୂର୍ବ ଲଦାଖର ବିବାଦୀୟ ଡେମଚୋକ୍ କ୍ଷେତ୍ରରେ ଦେଖିବାକୁ ମିଳିଲା ଚାଇନା ଟେଣ୍ଟ

ନୂଆଦିଲ୍ଲୀ,୨୬/୦୭: ପୂର୍ବ ଲଦାଖର ବିବାଦୀୟ କ୍ଷେତ୍ର ଡେମଚୋକରେ ଚୀନର ଟେଣ୍ଟ୍ । ଏପରି ଖବର ଏବେ ଜାତୀୟ ଗଣମାଧମରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଡେମଚୋକ୍ କ୍ଷେତ୍ରର ଭାରତୀୟ ପଟେ ଚୀନର କିଛି ନାଗରିକ ତମ୍ବୁ ଟାଣି ରହୁଛନ୍ତି । ଭାରତୀୟସେନା ପକ୍ଷରୁସେମାନଙ୍କୁ ନିଜ କ୍ଷେତ୍ରକୁ ଫେରିଯିବା ପାଇଁ କୁହାଯାଇଥିଲେ ମଧ୍ୟ ସେମାନେ ସେଠାରୁ ହଟି ନଥିବା ବରିଷ୍ଠ ସେନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ଇଣ୍ଡିଆନ୍ ଏକ୍ସପ୍ରେସ୍ର ଏକ ରିପୋର୍ଟ ଅନୁସାରେ ଡେମଚୋକ୍ର ଚାର୍ଣ୍ଣି ନାଲା ନିକଟରେ ତମ୍ବୁଟାଣୀ ରହୁଥିବା ଲୋକ ନିଜକୁ ଚୀନର ନାଗରିକ ବୋଲି ପରିଚୟ ଦେଇଛନ୍ତି । ପ୍ରକୃତ ନିୟନ୍ତ୍ରଣ ରେଖାର ବିବାଦୀୟ ଡେମଚୋକ୍ କ୍ଷେତ୍ରରେ ପୂର୍ବରୁ ଦୁଇ ଦେଶରସେନା ମୁହାଁମୁହିଁ ହୋଇ ସାରିଛନ୍ତି । ୧୯୯୦ରେ ଭାରତ–ଚୀନ ମିଳିତ କାର୍ଯ୍ୟ ସମୂହ କମିଟି ଦ୍ୱାରା ଡେମଚୋକ୍ ଓ ଟ୍ରିଗ୍ ହାଇଟ୍ସକୁ ବିବାଦୀୟ କ୍ଷେତ୍ର ଭାବେ ଗ୍ରହଣ କରାଯାଇଥିଲା । ଏହାଛଡା ଦୁଇ ଦେଶର ସେନା ଏହି ସ୍ଥାନରେ ନିଜ ନିଜ ଆଧିପତ୍ୟ ବିସ୍ତାର କରିବେ ନାହିଁ ବୋଲି ଭାରତ ଓ ଚୀନ ସେନା ସ୍ୱୀକାର କରିଥିଲେ । ପରବର୍ତ୍ତୀ ସମୟରେ ନକ୍ସାର ଆଦାନ ପ୍ରଦାନ ପରେ ପ୍ରକୃତ ନିୟନ୍ତ୍ରଣ ରେଖାରେ ୧୨ ଟି ବିବାଦୀୟ କ୍ଷେତ୍ର ଭାବେ ତାଲିକାରେ ଅନ୍ତର୍ଭୁକ୍ତହେଲା । ସମର ଲୁଙ୍ଗପା, ଡେପସାଙ୍ଗ ବୁଲଗେ, ପଏଣ୍ଟ ୬୫୫୬, ଚାଙ୍ଗଲୁଙ୍ଗ ନାଲା, କୋଙ୍ଗକାଲା, ପେଙ୍ଗୟଙ୍ଗତ୍ସୋ ନର୍ଥ ବ୍ୟାଙ୍କ, ସ୍ପଙ୍ଗୁର, ▶▶ପୃଷ୍ଠା ୭

### ଆସନ୍ତା ୨୮ରେ ବଙ୍ଗୋପସାଗରରେ ହେବ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୬/୦୭(ନି.ପ୍ର): ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ହୋଇପାରେ । ୨୮ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହାର ପ୍ରଭାବରେ ୨୭ରୁ ୨୯ ତାରିଖ ମଧ୍ୟରେ ରାଜ୍ୟରେ ଭଲ ବର୍ଷା ହେବ । ଲଘୁଚାପ ପ୍ରଭାବରେ ୨୭ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଆଭ୍ୟନ୍ତରୀଣ ଓଡ଼ିଶାରେ ବିଜୁଳି, ଘଡଘଡି ସହ ବର୍ଷା ହେବ । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୮ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡାରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୨୯ ତାରିଖରେ କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡା, ଅନୁଗୁଳ, କଟକ, ସମ୍ବଲପୁର ଓ ବରଗଡ ଜିଲ୍ଲାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।

## ବର୍ଷା ଯୋଗୁଁ ମହାରାଷ୍ଟ୍ର ଭୟାବହ ପରିସ୍ଥିତି

### ପାଣି ଘେରରେ ଗାଁ ଗଣ୍ଡା ଓ ସହର; କୋହ୍ଲାପୁରରେ ଅକ୍ସିଜେନ୍–ସିଲିଣ୍ଡର ସହ ରୋଗୀଙ୍କୁ ଉଦ୍ଧାର କଲା ଏସଡିଆରଏଫ ଟିମ୍



ମହାରାଷ୍ଟ୍ର,୨୬/୦୭ (ନି.ପ୍ର): ମହାରାଷ୍ଟ୍ରରେ ବର୍ଷା ବିପ୍ଳାତ । ଲଗାଣ ବର୍ଷା ପରେ ବିଭିନ୍ନ ଜିଲ୍ଲାରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି । ଚାରିଆଡେ ବର୍ଷା ପାଣି ଲହଡି ମାରୁଛି । ଗାଁ ଗଣ୍ଡା ଓ ସହର ସବୁ ପାଣି ଘେରରେ ରହିଛି । ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିରେ ମହାରାଷ୍ଟ୍ରର ବିଭିନ୍ନ ଜିଲ୍ଲାରୁ ୨୫୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ପାଣି ଘେରରେ ଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି । ଉଦ୍ଧାର କାମରେ ଏସଡିଆରଏଫ ସମେତ ଭାରତୀୟ ନୌସେନାର ୭ଟି ଟିମ୍ ନିୟୋଜିତ ହୋଇଛନ୍ତି । କୋହ୍ଲାପୁରରେ ରୋଗୀଙ୍କୁ ଉଦ୍ଧାର କରାଯାଇଛି । ଅକ୍ସିଜେନ୍ ସିଲିଣ୍ଡର ସହ ରୋଗୀଙ୍କୁ ଉଦ୍ଧାର କରି ବୋଟ୍ ଯୋଗେ ଡାକ୍ତରଖାନାକୁ ନିଆଯାଉଛି । ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର ସାଙ୍ଗଲି ଜିଲ୍ଲାର ପ୍ରଭାବିତ ଗାଁ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ବୋଟ୍ ଯୋଗେ ଯାଇ ପୀଡିତ ଗ୍ରାମବାସୀଙ୍କୁ ଭେଟିଛନ୍ତି ଅଜିତ୍ ପାୱାର । ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃଥଇଥାନ କରିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରଭାବିତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ସେହିଭଳି ଲଗାଣ ବର୍ଷା ଯୋଗୁଁ ଜଳବନ୍ଦି ହୋଇଥିବା ରତ୍ନଗିରି ଓ ରାଏଗଡରେ ଉଦ୍ଧାର କରିବା ପ୍ରକ୍ରିୟା ଜାରି ରହିଛି । ଭାରତୀୟ ନୌସେନାର ୭ଟି ଟିମ୍ ଉଦ୍ଧାର କାମରେ ଲାଗିଥିବା ନେଇ ୱେଷ୍ଟର୍ଣ୍ଣ ନାଭାଲ କମାଣ୍ଡ ସୂଚନା ଦେଇଛନ୍ତି ।

## କରୋନା କଟକଣା ଭିତରେ ଖୋଲିଲା ସ୍କୁଲ

ଭୁବନେଶ୍ୱର,୨୬/୦୭(ନି.ପ୍ର): କରୋନା ସମୟରେ ସାରାରାଜ୍ୟରେ ପୁଣି ଖୋଲିଛି ସ୍କୁଲ । କଟକରୁ କୋରାପୁଟ, ରାଜଧାନୀରୁ ରାଉରକେଲା ସବୁଠି ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀଗୃହରେ ବସି ସିଧାସଳଖ ପାଠପଢ଼ା ଆରମ୍ଭ ହୋଇଛି । କରୋନାର ଦ୍ୱିତୀୟ ଲହରର ଭୟ ଓ ତୃତୀୟ ଲହରର ଆଶଙ୍କା ଥିଲେ ବି ଦୀର୍ଘ ଦିନ ପରେ ସ୍କୁଲ ଖୋଲିଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଜି ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା । ଆଉ ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କୁଲରେ ପହଁଚିଯାଇଥିଲେ ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀ ଶ୍ରେଣୀ ଗୃହକୁ ପ୍ରବେଶ କରିବା ପୂର୍ବରୁ ସରକାରଙ୍କ



ଗାଇଡଲାଇନ ଅନୁସାରେ ସମସ୍ତଙ୍କର ସ୍କାନିଂ କରାଯାଇଥିଲା । ସାନିଟାଇଜରରେ ହାତ ସଫା କରିଥିଲେ । ସମସ୍ତେ ମୁହଁରେ ମାସ୍କ ପିନ୍ଧିଥିଲେ ଏବଂ ଛାତ୍ରଛାତ୍ରୀମାନେ ଅଭିଭାବକଙ୍କ ସ୍ୱୀକୃତି ପତ୍ର ଦେଇଥିଲେ । ଶ୍ରେଣୀ ଗୃହରେ ସିଧାସଳଖ ପାଠପଢ଼ା ଛାତ୍ରଛାତ୍ରୀଙ୍କ ପାଇଁ ବେଶ ଲାଭଦାୟକ ହେବ ବୋଲି କହିଛନ୍ତି ଶିକ୍ଷକ । ବିଶେଷକରି ଅନଲାଇନ ପଢ଼ାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହେବ ବୋଲି ମତ ଦେଇଛନ୍ତି ▶▶ପୃଷ୍ଠା ୭

## ମହାନ ରାଷ୍ଟ୍ର ଭକ୍ତ ସଦାନନ୍ଦ ଜୀ'ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୨୬/୦୭ (ନି.ପ୍ର): ବାଲେଶ୍ୱର ସହରର ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ବିଦ୍ୟାଳୟ ପ୍ରାଙ୍ଗଣରେ ସମାସେବୀ, ରାଷ୍ଟ୍ରଭକ୍ତ ସଦାନନ୍ଦ ଜୀ'ଙ୍କର ୧୧ ତମ ସ୍ମୃତିସଭା ସଦାନନ୍ଦଜୀ' ଏଜୁକେଶନାଲ ଟ୍ରଷ୍ଟର ସଭାପତି ତପନ କୁମାର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋକ ସଭାରେ ଉତ୍କଳ ଶିକ୍ଷା ପରିଷଦର ଆବାହକ, ସମାଜସେବୀ ଯୋଗେନ୍ଦ୍ର କୁମାର ଦାଶ ଯୋଗ ଦେଇ ସଦାନନ୍ଦ ଜୀ'ଙ୍କ ଜୀବନୀ ଓ ରାଷ୍ଟ୍ର ସେବା ଉପରେ ଆଲୋଚନା କରିଥିଲେ । କୋଭିଡ ନିୟମ ଅନୁସାରେ ଏହି ସଭା ପାଳନ କରାଯାଇଥିଲା। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱକୁ ଅଗ୍ରାଧିକାର ଦିଆଯାଇଥିଲା । ସମ୍ମାନିତ ଅତିଥି ଭାବେ ଦୈନିକ ସମ୍ବାଦପତ୍ର 'ଧ୍ୱନିପ୍ରତିଧ୍ୱନି'ର ପରିଚାଳକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ସଦାନନ୍ଦ ଜୀ'ଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଜିଲ୍ଲାପରିଷଦ ସଦସ୍ୟ ସୀତାକାନ୍ତ ପ୍ରଧାନ, ସୁରଜ ବାରିକ, ମନମଥ ଦାଶ, ଶରତ ପଟ୍ଟନାୟକ, ଜ୍ୟୋତି ପ୍ରକାଶ ଦାସ, ଅମୂଲ୍ୟ ସେଠୀ, ମୁକ୍ତକଣ୍ଠ ପତି ଯୋଗଦାନ କରି ସଦାନନ୍ଦ ଜୀ'ଙ୍କ ଆଦର୍ଶ ଜୀବନୀ ଉପରେ ଆଲୋଚନା କରିଥିଲେ । ପରିଶେଷରେ ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଧର୍ମେନ୍ଦ୍ରଙ୍କୁ ଦିଆଗଲା ପର୍ଯ୍ୟବେକ୍ଷକ ଦାୟିତ୍ୱ

ଭୁବନେଶ୍ୱର,୨୬/୦୭(ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଡ଼ ଦାୟିତ୍ୱ ଦେଇଛି କେନ୍ଦ୍ର ବିଜେପି । ୟେଦିୟୁରପ୍ପାଙ୍କ ଇସ୍ତଫା ପରେ କର୍ଣ୍ଣାଟକରେ କିଏ ହେବ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ, ଏନେଇ ଧର୍ମେନ୍ଦ୍ରଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି । କର୍ଣ୍ଣାଟକରେ ବିଜେପିର ବିଭିନ୍ନ ପକ୍ଷ ଓ ନେତାଙ୍କ ସହ ଆଲୋଚନା କରିବେ ଧର୍ମେନ୍ଦ୍ର । ଆଗାମୀ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ନେଇ ଯେଉଁ ମାନଙ୍କ ନାଁ ଚର୍ଚ୍ଚା ହେଉଛି, ସେମାନଙ୍କ ସହ ମଧ୍ୟ ଆଲୋଚନା କରିପାରନ୍ତି ଧର୍ମେନ୍ଦ୍ର । ସେପଟେ କର୍ଣ୍ଣାଟକର ଆଗାମୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ନେତାଙ୍କ ନାଁ ମଧ୍ୟ ସାମ୍ନାକୁ



ଆସୁଛି । ଏମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡିଭି ସଦାନନ୍ଦ ଗୌଡା, ବିଜେପି ରାଷ୍ଟ୍ରୀୟ ସମ୍ପାଦକ ସି ଟି ରବି, ରାଷ୍ଟ୍ରୀୟ ସଙ୍ଗଠନ ସମ୍ପାଦକ ବିଏଲ ସନ୍ତୋଷ, କର୍ଣ୍ଣାଟକ ବିଧାନସଭା ବାଚସ୍ପତି ବିଶ୍ୱେଶ୍ୱର ହେଗଡେଙ୍କ ନାଁ ଅଛି । ଏହାସହ କର୍ଣ୍ଣାଟକ ଗୃହମନ୍ତ୍ରୀ ବାସଭରାଜ ବୋମାଇ ଓ ରାଜ୍ୟ ରାଜସ୍ୱ ମନ୍ତ୍ରୀ ଆର ଅଶୋକା ମଧ୍ୟ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ ଯେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇସାରିଛନ୍ତି ବିଏସ୍ ୟେଦିୟୁରପ୍ପା । ରାଜ୍ୟପାଳଙ୍କୁ ଭେଟି ୟେଦିୟୁରପ୍ପା ଇସ୍ତଫା ପତ୍ର ଦେଇସାରିଥିବା ବେଳେ ତାଙ୍କର ଇସ୍ତଫାକୁ ମଞ୍ଜୁର କରିଛନ୍ତି କର୍ଣ୍ଣାଟକ ରାଜ୍ୟପାଳ ଥାବରଚାନ୍ଦ ଗେହେଲଟ୍ । ସରକାରର ୨ ବର୍ଷ ପୂର୍ତ୍ତି ଦିନ ହିଁ ଇସ୍ତଫା ଦେବା ନେଇ ଘୋଷଣା କରିଥିଲେ ୟେଦିୟୁରପ୍ପା । ତେବେ ୨ ବର୍ଷ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ କର୍ଣ୍ଣାଟକବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ ୟେଦିୟୁରପ୍ପା । ତେବେ ▶▶ପୃଷ୍ଠା ୭

# ତାଜପୁରରେ କରୋନା ସଚେତନତା କାର୍ଯ୍ୟକ୍ରମ

କୋରେଇ,୨୬/୭ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତ ତାଜପୁର ଗ୍ରାମର ଅଙ୍ଗନବାଡି କେନ୍ଦ୍ର ପରିସରରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାମାରୀ କରୋନାକୁ ମୁକାବିଲା କରିବା ପାଇଁ ଗାଁରେ ପଦଯାତ୍ରା କରାଯିବା ସହିତ ଲୋକମାନଙ୍କୁ ସଚେତନ କରାଯାଇଥିଲା । ବିନା କାରଣରେ ଘର ବାହାରକୁ ନବାହାରିବା, ସାମଜିକ ଦୂରତା ରକ୍ଷା କରିବା, ସାବୁନରେ ହାତ ଧୋଇବା ସହ ମୁହଁରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ର ପକ୍ଷରୁ ଲୋକଙ୍କୁ ସାବୁନ ଓ ସାନିଟାଇଜର ପ୍ରଦାନ କରାଯାଇଥିଲା । ପଥରପଦା ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ପାଣିକୋଇଲି ସ୍ୱାସ୍ଥ୍ୟଧିକାରୀ ଡା. ଜ୍ୟୋତି ପ୍ରକାଶ ସାମଲ, ସ୍ୱାସ୍ଥ୍ୟ କର୍ମି ରଶ୍ମୀରଂଜନ ପରିଡା, ମମତା ଦାଶ, ହେଲ୍‌ଥ ୱାର୍କର ସୁପରଭାଇଜର ରଂଜନ ବେହେରା, ଆଶା ସବିତା ବେହେରା, ବନିତା ଯେନା, ତାଜପୁର ଅଙ୍ଗନବାଡି କର୍ମି ପ୍ରକ୍ସିମା ଦାସ ଓ ମୁଲରୀ ଅଙ୍ଗନବାଡି କର୍ମୀ ବନିତାରାଣୀ ରାଉତ ପ୍ରମୁଖ ଯୋଗଦେଇଥିଲେ ।

# ଛୁରୀରେ ନିଜ ହାତ କାଟିଲେ ନିଶାସକ୍ତ ଯୁବକ

ଗଞ୍ଜାମ,୨୬/୭ (ନି.ପ୍ର): ବ୍ରହ୍ମପୁର ନିମଖଣ୍ଡି ଫାଣ୍ଡି ଅଧିନସ୍ଥ ନିମଖଣ୍ଡି ଗ୍ରାମର ସରୋଜ ମହାପାତ୍ର ସର୍ବଦା ନିଶାସକ୍ତ ରହିବା ସହ ବିଭିନ୍ନ ଲୋକଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିବାକୁ ଉଦ୍ୟମ କରିଥାନ୍ତି । ଗତକାଲି ରାତିରେ ସେ ନିଶାରେ ଚୁର୍ ହୋଇ କେତେକ ଲୋକଙ୍କୁ ଆକ୍ରମଣ କରିବାକୁ ଯିବାବେଳେ ତାଙ୍କର ଭାଇ ସୁରଜ ମହାପାତ୍ର ତାଙ୍କୁ ଏକ ଚାପୁଡ଼ା ମାରିବା ସହ ଏଥିରୁ ନିବୃତ କରାଇଥିଲେ । ଏଥିରେ ସରୋଜ ଉତକ୍ଷିପ୍ତ ହୋଇ ନିଜ ଘର ଭିତରକୁ ଯାଇ ଛୁରୀରେ ନିଜ ହାତ କାଟି ଦେଇଥିବା ଜଣାପଡିଛି । ଖବର ପାଇ ନିମଖଣ୍ଡି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ସରୋଜକୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ସିଟି ହସ୍ପିଟାଲକୁ ପଠାଇଛନ୍ତି ।

# ସହରରେ ପରିଶ୍ରାଗାର ନିର୍ମାଣ ଦାବି

ନୂଆପଡା,୨୬/୭ (ନି.ପ୍ର): ଗ୍ରାମାଂଚଳ ଠାରୁ ସହର ଯାଏ ସଫା ସୁତୁରା ରଖିବା ପାଇଁ ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । କିନ୍ତୁ ନୂଆପଡା ଜିଲ୍ଲା ଖଡିଆଳ ସହରରେ ପରିଷ୍କାର ପରିଚ୍ଛନ୍ନତା ଦିଗରେ ଅବହେଳା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି । ଖଡିଆଳ ସହରରେ ପରିଶ୍ରାଗାର ଅନେକ ସ୍ଥାନରେ ଉପଲବ୍ଧ ନଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ପରିବେଶ ମଧ୍ୟ ପ୍ରଦୂର୍ଷିତ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ସହର ହେଉଛି ଖଡିଆଳ । ଫଳରେ ଦୈନନ୍ଦିନ ସହରକୁ ଜିଲ୍ଲା ତଥା ଜିଲ୍ଲା ବାହାର ଲୋକଙ୍କ ପ୍ରବଳ ମାତ୍ରାରେ ସମାଗମ ଘଟିଥାଏ । ଜିଲ୍ଲା କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ, ଏନଏସି, ଡାକ୍ତରଖାନା, ଥାନା, କୃଷି ସହ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଲୋକଙ୍କ ଭିଡ ଲାଗି ରହିଥାଏ । ଫଳରେ ବସଷ୍ଟାଣ୍ଡରେ ପ୍ରତିଦିନ ଶହ ଶହ ଯାତ୍ରୀଙ୍କ ଭିଡ ଦେଖିବାକୁ ମିଳିଥାଏ । ଲୋକେ ସହରକୁ ପ୍ରବେଶ କଲେ କୌଣସି ସ୍ଥାନରେ ପରିଶ୍ରାଗାର ନଥିବାରୁ ଲୋକେ ନାହିଁ ନଥିବାର ଅସୁବିଧା ଭୋଗିବାକୁ ପଡୁଥିବା ଦେଖିବାକୁ ମିଳୁଛି । ଫଳରେ ଲୋକେ ରାସ୍ତା, କାନ୍ଥ ବାଡରେ ପରିଶ୍ରା କରିବା ପାଇଁ ବାଧ୍ୟ ହେଉଛନ୍ତି । ସ୍ୱଚ୍ଛତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ପରିଶ୍ରାଗାର ଟିଏ ମଧ୍ୟ ବ୍ୟବସ୍ଥା କରାଯାଉନାହିଁ । ତେବେ ଖଡିଆଳ ଏନଏସି ଏଥିପ୍ରତି ଦୃଷ୍ଟି ଦେଇ ପ୍ରତ୍ୟେକ ଛକ ଗୁଡିକରେ ପରିଶ୍ରାଗାର ନିର୍ମାଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# ନିଖୋଜ ଦୁଇ ମହିଳାଙ୍କୁ ତୋଟାସାହିରେ ଠାବ କଲା ଗୁଜୁରାଟ ପୋଲିସ

ଗଞ୍ଜାମ,୨୬/୭ (ନି.ପ୍ର): ଅହମ୍ମଦାବାଦ ନିକଟବର୍ତ୍ତି ଅଂଚଳରୁ ଦୁଇ ଜଣ ମହିଳା ନିଖୋଜ ହୋଇଥିବା ନେଇ ଆଦାଓ ଥାନାରେ ଅଭିଯୋଗ ହୋଇଥିଲା । ନିଖୋଜ ମହିଳାଙ୍କ ପରିବାର ପକ୍ଷରୁ ହାଇକୋର୍ଟରେ ଏନେଇ ମାମଲା ଦାୟର୍ ହୋଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଗୁଜୁରାଟ ପୋଲିସର ଏକ ୫ ଜଣିଆ ଟିମ୍ ଓ ନିଖୋଜ ମହିଳାଙ୍କ ସ୍ୱାମୀ ଗତକାଲି ବ୍ରହ୍ମପୁରରେ ପହଂଚି ଥିଲେ । ସେମାନେ ମହିଳାଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରି ବ୍ରହ୍ମପୁରରେ ରହୁଥିବା ଜାଣିପାରିଥିଲେ । ପୋଲିସ ଟିମ୍ ଗୋଷାଣିନୂଆଗାଁ ଥାନା ପୋଲିସ ସହାୟତାରେ ତୋଟାସାହିର ଏକ ଭଡ଼ା ଘରେ ରହୁଥିବା ଦୁଇ ମହିଳା ଓ ଶିଶୁଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କ ସହିତ ଆସିଥିବା ଦୁଇ ଯୁବକଙ୍କୁ ପୋଲିସ କାବୁ କରିଥିଲା । ମହିଳାଙ୍କ ସ୍ୱାମୀ ସେମାନଙ୍କୁ ଚିହ୍ନଟ କରିଥିଲେ । ଇଲୁ ପ୍ରଧାନଙ୍କୁ ଗୁଜୁରାଟ ପୋଲିସ ନେଇ ଗୁଜୁରାଟ ହାଇକୋର୍ଟରେ ହାଜର କରିବ । ଗତ ୨୦ ଦିନ ହେବ ଇଲୁ ଦୁଇ ମହିଳା ଓ ଶିଶୁଙ୍କୁ ଆଣି ତୋଟାସାହିରେ ଏକ ଭଡ଼ା ଘରେ ରହିବା ସହ ସେଠାରେ ଏକ ଚା ଦୋକାନ ଖୋଲିଥିବା ଜଣାପଡିଛି ।

# ଶୋଚନୀୟ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

ଜୟପୁର ,୨୬/୭ (ନି.ପ୍ର): କୋରାପୁଟ ଜିଲ୍ଲାର ଜୟପୁରୁ ସହର ନିକଟରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି । ଜୟପୁର ସହର ଠାରୁ ମାତ୍ର ୨ କିଲୋମିଟର ଦୂରରେ ରହିଛି ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର । କିନ୍ତୁ ରାସ୍ତାର ଅବସ୍ଥା ବିପର୍ଯ୍ୟୟ ହୋଇପଡ଼ିଥିଲେ ମଧ ଏହାରି ଉପରେ କୌଣସି ସରକାରୀ ବାବୁ ମାନଙ୍କ ଦୃଷ୍ଟି ପଡୁ ନାହିଁ । ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ପାଖାପାଖି ଅଞ୍ଚଳ ତଥା ଓ .ସି .ସି .କୋଲନୀ, ସ୍ୱିଲବାଇ କୋଲନୀ, ନୂଆଗୁଡା ,କୁମ୍ଭାର ସହି ,କଦଳୀ ଗୁଡ଼ା ,ସିମିଷ୍ଟର କୋଲୋନୀ ,ହାତୀସାଳ ,ସୁକିୟା ଗୁଡ଼ା , ପାୱାର ହାଉସ, ପୁରୁଣା ଗଡର ଲୋକମାନେ ନିର୍ଭରଶୀଳ । ଏପରିକି ଜୟପୁର ଟାଉନ ଲୋକେ ମଧ ଏହି ମେଡ଼ିକାଲ ଉପରେ ଭରଷା ରଖିଛନ୍ତି ।ବିଶେଷ କରି ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ତ୍ତମାନ କୋରନା ଟୀକା କରଣ କରାଯାଉଛି । ଟିକା ନେବା ପାଇଁ ପ୍ରତିଦିନ ବହୁତ ଲେକେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଛନ୍ତି । କିନ୍ତୁ ଦୁଃଖର ବିଷୟ ଯେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ରାସ୍ତା ନାହିଁ । ଯାହା ଫଳରେ ସାଧାରଣ ଲୋକ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାକୁ ନେଇ ବୁଦ୍ଧିଜୀବିମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ବିଜୁ ପକ୍କା ରାସ୍ତା ଯୋଜନା ମାନ ରହିଛି । କିନ୍ତୁ ଅଞ୍ଚଳର ଗରିବ ଲୋକ ନିଜ ପାଖ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଭରସା କରିଥାନ୍ତି । ତେବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ ଏହି ରାସ୍ତାରେ ସାଇକେଲ ଯିବା କଷ୍ଟସାଧ ହୋଇପଡିଛି, ତେବେ ରୋଗୀଙ୍କ ଚିକିତ୍ସା ନିମନ୍ତେ ସାଧାରଣ ଅଟୋ ରିକ୍ସା ଯାଇପାରିବ ତୋ ? ଏହି ରାସ୍ତା ଦେଇ ଲାଲ୍ ଗୁଡା ଲୋକ ମାନେ ମଧ ଯାତାୟାତ କରୁଛନ୍ତି । ଏହି ଗ୍ରାମରେ ଏକ ସ୍କୁଲ ମଧ ରହିଛି ।କୋରନା କଟକୋଣା ଯୋଗୁଁ ସ୍କୁଲ ବନ୍ଦ ରହିଛି । ଯଦି ସ୍କୁଲ ଖୋଲା ରହିଥିଲେ ଛୋଟ ଛୋଟ ପାଠ ପଢ଼ିବାକୁ ଆସୁଥିବା ପିଲାମାନଙ୍କର କି ଭଳି ଅସୁବିଧା ହୋଇଥାନ୍ତା , ତାହା ଏହି ରାସ୍ତାର ନଗ୍ନ ଚରିତ୍ରରେ ଜଣାପଡୁଛି । ସ୍ଥାନୀୟ ଗ୍ରାମବାସୀ ମାନେ ଅନେକ ଥର ଏହି ରାସ୍ତା ତିଆରି କରିବାକୁ ବାରମ୍ବାର ଅଭିଯୋଗ କରିଥିବା କହିଛନ୍ତି । କିନ୍ତୁ କୌଣସି ପ୍ରକାର ଫଳ ମିଳୁନାହିଁ ବୋଲି କହିଛନ୍ତି ସ୍ଥାନୀୟ ଗ୍ରାମବାସୀ । ଯେପରି କଥାରେ ଅଛି ଚେଇଁ ଶୋଇଥିବ ଯେ,ତାକୁ ଉଠାଇବ କିଏ, ଏହି ଭଳି କୁମ୍ଭ ନୀଦ୍ରାରେ ପ୍ରଶାସନିକ ଅଧିକାରୀ ମାନେ ଶୋଇ ଥିବା ସ୍ୱଷ୍ଟ ପ୍ରମାଣିତ ହୋଇଛି । ତେବେ ଦେଖିବାକୁ ବାକି ରହିଲା କେବେ ପ୍ରଶାସନର ଦୃଷ୍ଟି ଆକର୍ଷଣ ହେଉଛି, ଏବଂ କେବେ ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମୂଖ୍ୟ ରାସ୍ତା ତିଆରି ହୋଇପାରୁଛି ।

# ପିକଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଜୟପୁର,୨୬/୭ (ନି.ପ୍ର): ୬୩ ନଂ ଜାତୀୟ ରାଜପଥର କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଶଶାହାଣ୍ଡି ନିକଟରେ ଆଜି ସକାଳେ ପିକଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ଖବର ପାଇ ବୋରିଗୁମ୍ମା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । କିପରି ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସେନେଇ ତଦନ୍ତ ଆରମ୍ଭ କରିଛି ।

# ଅଟୋ- ଟ୍ରାକ୍ଟର ଧକ୍କା: ୮ ଆହତ, ୪ ଗୁରୁତର

ଗଞ୍ଜାମ,୨୬/୭ (ନି.ପ୍ର): ବ୍ରହ୍ମପୁର ହଳଦିଆପଦର ଛକରେ ଅଟୋ- ଟ୍ରାକ୍ଟର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଆଜି ସକାଳେ ଘଟିଯାଇଥିବା ଏହି ଦୁର୍ଘଟଣାରେ ୮ ଜଣ ଆହତ ହୋଇଥିବା ବେଳେ ତନ୍ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରାଯାଇଛି । ଖବର ପାଇ ଘଟଣାସ୍ଥଳରେ ଗୋଳନ୍ଥରା ପୋଲିସ ପହଂଚି ଟ୍ରକ୍ ଓ ଅଟୋକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ବେଲଘର ଥାନାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ୩୬ ୟୁନିଟ୍ ରକ୍ତ ସଂଗୃହୀତ

କନ୍ଧମାଳ ,୨୬/୭ (ନି.ପ୍ର): ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ରୋଗୀ ମାନଙ୍କ ପାଇଁ ରକ୍ତର ଆବଶ୍ୟକତା ରହିଥିବାବେଳେ କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲାରେ ରକ୍ତଦାନ ଶିବିର ଆୟୋଜିତ ହେଉନଥିବା ଯୋଗୁଁ ରୋଗୀ ମାନଙ୍କ ପାଇଁ ହେଉଥିବା ରକ୍ତର ଅଭାବ ପୁରଣ ହୋଇ ପାରୁନାହିଁ । ତେଣୁ କନ୍ଧମାଳ ଜିଲ୍ଲା ବେଲଘର ଥାନାରେ କନ୍ଧମାଳ ଜିଲ୍ଲା ପୋଲିସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜିତ ହୋଇଇଯାଇଛି । କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ରକ୍ତଦାନ ଶିବିର ଦାୟୀତ୍ୱରେ ଥିବା ନୋଡାଲ ଅଫିସର, ଡିଏସପି କୃଷ୍ଣପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ.ଜୟଦୀପ ଘୋଷ,ବେଲଘର ଥାନା ଅଧିକାରୀ ଦୀପକ ରାଉତ ଏବଂ ଅନ୍ୟ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଆୟୋଜିତ ଶିବିରରେ ଫୁଲବାଣୀ ରକ୍ତଭଣ୍ଡାର କର୍ମଚାରୀ ତୁଷାରକାନ୍ତ ପ୍ରଧାନ,ସୂଜିତ କୁମାର ସାହୁ,ଦିନକୃଷ୍ଣ ମହନ୍ତ,ପ୍ରଶାନ୍ତ ରତ୍ନାଲୁ ଏବଂ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଶିବିର ପରିଚାଳନା କାର୍ଯ୍ୟରେ ବେଲଘର ଥାନା ଏ.ଏସ.ଆଇ ନାରାୟଣ ପ୍ରଧାନ ଏବଂ ପୋଲିସ କର୍ମଚାରୀ ଅରବିନ୍ଦ ନାୟକ ଓ ଅଜୟ କୁମାର ସାହୁ ପ୍ରମୁଖ ସହାୟତା କରିଥିଲେ । ଶିବିରରେ ଅନେକ ଯୁବକ ଯୁବତୀ ଓ ପୋଲିସ ଜବାନ ମାନେ ଆସି ସ୍ୱେଚ୍ଛାକୃତ ଭାବରେ ରକ୍ତ ଦାନ କରିଥିଲେ । ଏହି ଶିବିରରେ ମୋଟ ୬୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଖଡିଆଳ ବ୍ଲକସ୍ତରୀୟ ମହିଳା ଶକ୍ତି ବୈଠକ

ନୂଆପଡା,୨୬/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଗଡ୍ରାମୁଣ୍ଡା ଗ୍ରାମ ଠାରେ ମହିଳା ଶକ୍ତି ଖଡିଆଳ ବ୍ଲକ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମହିଳା ଶକ୍ତି ଖଡିଆଳ ବ୍ଲକ ଅଧ୍ୟକ୍ଷ ଚମ୍ପେଶ୍ୱର ବନଛୋର ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ମହାସଚିବ ସୋକନାଥ ସେନାପତି, ମହିଳା ଆଇନ ପରାମର୍ଶଦାତ୍ରୀ ବିଦ୍ୟୁତ ପ୍ରଭା ମେହେର, ପୁରୁଷ ଆଇନ ପରାମର୍ଶଦାତା ଅଚ୍ୟୁତାନନ୍ଦ ନାଗ ଏବଂ ମିଡିଆ ପଦାଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏହି ବୈଠକରେ ସମାଜରେ ଅବହେଳିତ ବିଧବା, ମାଁଭଉଣୀ ମାନଙ୍କ ୬ ଗୋଟି ଯୋଜନାକୁ ନେଇ ବିଷଦ ଆଲୋଚନା କରାଯାଇଥିଲା । ମାସିକ ୧୦୦୦ ଟଙ୍କା ଆଜୀବନ ପେନସନ ପ୍ରଦାନ, ବିଜୁଳି ବିଲ ଛାଡ, ପାଣି ବିଲ ଛାଡ, ୫ ରୁ ୨୨ ବର୍ଷର ପିଲାଙ୍କୁ ମାଗଣା ଶିକ୍ଷା ପ୍ରଦାନ, ବସ ଓ ଟ୍ରେନରେ ମାଗଣା ଯାତାୟତ ପାସ, ମାଗଣା ଘର ଯୋଗାଣ ଓ ଭଡା ଘରେ ରହୁଥିଲେ ଭଡା ଟଙ୍କା ଦେବା ନେଇ ବୈଠକରେ ଉପସ୍ଥାପନା କରାଯାଇଥିଲା । ଏହି ବୈଠକରେ ବିଭିନ୍ନ ପଦାଧିକାରୀ ଖିରସିନ୍ଧୁ ତାଣ୍ଡି, ହୋଲେଶ୍ୱରୀ ପୁଞ୍ଜି, କ୍ଷୀରୋଦିନୀ ଶବର, ହାରାବତୀ ବନଛୋର, ବର୍ଷାରାଣୀ ତେଣ୍ଡକାରୀ, ଜ୍ୟୋତୀ ବାରିକ, ଚନ୍ଦ୍ରକାନ୍ତ ସାହୁ, ଲକ୍ଷ୍ମୀକାନ୍ତ ପୋଡ ପ୍ରମୁଖ ଯୋଗଦାନ କରିଥିଲେ ।

# ବିଲାପୁଟ ପ୍ରାଥମିକ ବିଦ୍ୟାଳୟର ୫୦ ତମ ସୁବର୍ଣ୍ଣ ଜୟନ୍ତୀ

ଜୟପୁର ,୨୬/୭ (ନି.ପ୍ର): କୋରାପୁଟ ବ୍ଲକ ବିଲାପୁଟ ଆଞ୍ଚଳିକ ସାଧନ କେନ୍ଦ୍ର ଝଡିଗୁଡା ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଲାପୁଟ ଠାରେ ୫୦ ତମ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି । କୋରାପୁଟ ଜ଼ିଲ୍ଲା ଏକ ଅପହଞ୍ଚ ଇଲାକା ହୋଇଥିଲେ ମଧ ଆର୍ଜି ଶିକ୍ଷାର ମାନ ଉର୍ନ୍ନତି କରିବା ପାଇଁ ଶିକ୍ଷକଙ୍କ ଭୂମିକା ଅତୁଳନୀୟ ହୋଇରହିଛି । କୋରାପୁଟ ଜ଼ିଲ୍ଲାର ଅନେକ ଅପହଞ୍ଚ ପାହାଡ ଜଙ୍ଗଲ ଘେରା ମଧରେ ବିଦ୍ୟାଳୟ ମାନ ଗଢି ଉଠିଛି । ତା ମଧରୁ ବିଲାପୁଟ ପ୍ରାଥମିକ ବିଦ୍ୟାଳୟ ଅନ୍ୟତମ । ଏହି ବିଦ୍ୟାଳୟ ଟି ପାହାଡ ଘେରା ମଧରେ ଥିଲେ ମଧ ପିଲା ମାନଙ୍କର ପାଠ ପଢିବା ପାଇଁ ବିଭିନ୍ନ ପ୍ରକାର ଉର୍ନ୍ନତି ମୂଳକ ପଦକ୍ଷେପ ମାନ ଗ୍ରହଣ କରି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚର୍ଚ୍ଚାରେ ରହିଆସୁଛନ୍ତି ।ବିଲାପୁଟ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମନ୍ମଥ ରାଓ ଙ୍କ ପ୍ରଚେଷ୍ଟା ରେ ୫୦ ତମ ସୁବର୍ଣ୍ଣ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଝଡିଗୁଡା ସିଆରସିସି ଜସ୍ମିତା ମହାରଣା ଙ୍କ ସମେତ ଅନେକ ପୁରାତନ ଛାତ୍ର,ଛାତ୍ରୀ ଉପସ୍ଥିତ ରହିଥିଲେ । ଏହି ବିଦ୍ୟାଳୟ ରୁ ପଢା ଶେଷ କରି ଓଡିଶାର କୋଣ ଅନୁକୋଣରେ ଛାତ୍ର, ଛାତ୍ରୀ ମାନେ ଅନେକ ଉଚ୍ଚ ପଦସ୍ଥ ପଦ ପଦବୀରେ ରହିଛନ୍ତି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପୁରାତନ ଛାତ୍ର ଓ ଛାତ୍ରୀ ମାନଙ୍କୁ ମାନ ପତ୍ର ପ୍ରଦାନ କରିବା ସହିତ ସେମାନଙ୍କର ଅବଦାନ ବିଷୟରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମରା ନାୟକ, ମନ ମୁଦୁଲି, ପରମାନନ୍ଦ ଗୁଣ୍ଟା, ମଦନ ଗୁଣ୍ଟା, ମୋହନ ଗୁଣ୍ଟା, ମନୋଜ ଗୁଣ୍ଟା, ଟଙ୍କଧର ନାୟକ, ଭଗି ହନ୍ତାଳ,ଡ଼ମ୍ବୁର ମାଛ, ଶ୍ରୀଧର ନାୟକଙ୍କ ସମେତ ଅନେକ ପୁରାତନ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ଦେଓଦା ପଂଚାୟତରେ ଚାରାରୋପଣ

ଧର୍ମଶାଳା,୨୬/୭ (ନି.ପ୍ର): ସ୍ୱର୍ଗତ ପୂର୍ବତନ ମନ୍ତ୍ରୀ ତଥା ଧର୍ମଶାଳା ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ଶ୍ରାଦ୍ଧ ବାର୍ଷିକ ଅବସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଓଦା ପଂଚାୟତର ବିଜେଡି ସଭାପତି ନିତ୍ୟାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ନାରାୟଣୀ ମନ୍ଦିର ପରିସରରେ ବିଭିନ୍ନ ଔଷଓୀୟ ଚାରାରୋପଣ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ,ସରପଂଚ ସୌଭାଗ୍ୟ ଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ଲକ୍ଷ୍ମୀଧର ସାହୁ,ଯୁବ ବିଜେଡି ସଭାପତି ଶ୍ୟାମସୁନ୍ଦର ବେହେରା,ଛାତ୍ର ବିଜେଡି ସଭାପତି ସଂଜୟ କୁମାର ସାହୁ,ମହିଳା ବିଜେଡି ସଭାନେତ୍ରୀ ନନ୍ଦିତା ଶରଣ,ଯୁବ ବିଜେଡି ଗାର୍ଲସ୍ ଉଇଙ୍ଗସ୍‌ର ପ୍ରଗତି ମଳିକ,ରତ୍ନାକର ମହାରଣା, ଦାମୋଦର ମଲ୍ଲିକ, କିଶୋର ପାଣି, ରଂଜିତ ଦାସ,କାର୍ତ୍ତିକ ନାୟକ, ହରମୋହନ ପଣ୍ଡା, ନିରଞ୍ଜନ ମହାନ୍ତି,ଅରୁଣ ମଳିକ,ବିନୋଦ ମଳିକ, ବାସୁଦେବ ପଣ୍ଡା, ଅନନ୍ତ ତରାଇ, ପ୍ରଭାତ ତରାଇ, ଗଣେଶ ମହାନ୍ତି ଓ ଯଶୋବନ୍ତ ମଳିକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗଜ ଦାସଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଚାରାରୋପଣ କରିଥିଲେ ।

# କ୍ୟାନସରରେ ଯୁବକଙ୍କ ମୃତ୍ୟୁ

କୋରେଇ,୨୬/୭ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ଅଳତିରି ପରିଡା ସାହିରେ ଆଜି ଅପରାହ୍ନ ୪ଟା ବେଳେ କ୍ୟାନସରରେ ପୀଡ଼ିତ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ପରିଡା ସାହିର ସ୍ୱର୍ଗତ ଭରତ ଚନ୍ଦ୍ର ନାୟକଙ୍କ ବଡ ପୁଅ ଦୁର୍ଗାପ୍ରଶନ୍ନ ନାୟକ ଓରଫ ଜିତୁ (୪୫) କିଛିଦିନ ହେବ ଲିଭର କ୍ୟାନସରରେ ପୀଡିତ ଥିଲେ । ତାଙ୍କର ଚିକିତ୍ସା ନିମନ୍ତେ ବହୁ ଅର୍ଥ ବ୍ୟୟ ସତ୍ତ୍ୱେ ଡାକ୍ତର ଶେଷରେ ଘରକୁ ଫେରାଇ ଦେଇଥିଲେ । ଆଜି ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କ ପତ୍ନୀ ଓ ଦୁଇ ଝିଅ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ ।

# ବିଜେପିର ସାଂଗଠନିକ ମୋର୍ଚ୍ଚା ପ୍ରଭାରୀଙ୍କ ନାମ ଘୋଷଣା

କେନ୍ଦ୍ରପଡ଼ା,୨୬/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲାର ୩୪ଟି ମଣ୍ଡଳର ପ୍ରଭାରୀଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି ଓ ଜିଲ୍ଲା ପ୍ରଭାରୀ ଜତିନ ମହାନ୍ତିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ସମସ୍ତ ମଣ୍ଡଳ ପ୍ରଭାରୀ ଓ ସହ ପ୍ରଭାରୀଙ୍କ ନାମ ଘୋଷଣା କରିଛନ୍ତି । ସେହିପରି ବିଭିନ୍ନ ମୋର୍ଚ୍ଚାର ପ୍ରଭାରୀ ହିସାବରେ ଯୁବ ମୋର୍ଚ୍ଚା ଅଭିମନ୍ୟୁ ଗୋଛାୟତ, ମହିଳା ମୋର୍ଚ୍ଚା ପ୍ରତିମା ନାୟକ, କୃଷକ ମୋର୍ଚ୍ଚା ସରୋଜକାନ୍ତ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ଶଶାଙ୍କ ସେଖର ସେଠୀ, ପଛୁଆ ବର୍ଗ ମୋର୍ଚ୍ଚା ଉପିନ କୁମାର ରାଉତ, ସଂଖ୍ୟା ଲଘୁ ମୋର୍ଚ୍ଚା ନେହେରୁ କୁମାର ସାହୁ, ଅନୁସୂଚିତ ଜନଜାତି ମୋର୍ଚ୍ଚା ବିକ୍ରମାଦିତ୍ୟ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇ ଥିବା ଜିଲ୍ଲା ସଭାପତି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

# ପୂର୍ବତନ ମନ୍ତ୍ରୀ ତଥା ଧର୍ମଶାଳା ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ଶ୍ରାଦ୍ଧ ଅବସରରେ ରକ୍ତଦାନ ଶିବିର

ଧର୍ମଶାଳା,୨୬/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପୂର୍ବତନ ମନ୍ତ୍ରୀ ତଥା ଧର୍ମଶାଳା ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ୬ବାର୍ଷିକ ଶ୍ରାଦ୍ଧ ବାର୍ଷିକ ଅବସରରେ ୧୫ ନଂ ଜୋନ କୋଟପୁରସ୍ଥିତ କଲ୍ୟାଣ ମଣ୍ଡପରେ ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁରର ପୂର୍ବତନ ସାଂସଦ ତଥା ଓଡିଶା ମୋ ପରିବାରର ମୁଖ୍ୟ ରୀତା ତରାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକଭାବେ ଶିବିରକୁ ଉଦଘାଟନ କରିଥିଲେ । ରକ୍ତଦାନ ଶିବିରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳନ୍ତରାୟଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ରାକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରେ ୮୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ସରପଂଚ, ସମିତିସଭ୍ୟସଭ୍ୟା ଓ ଜିଲାପରିଷଦ ସଭ୍ୟସଭ୍ୟା ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିବା ବେଳେ ,ଧର୍ମଶାଳା ବିଜୁ ଜନତା ଦଳର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥଲେ ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର ରେଳ ଷ୍ଟେସନ ନିରୀକ୍ଷଣ

ସମ୍ବଲପୁର,୨୬/୭ (ନି.ପ୍ର): ଆଜି ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ଶ୍ରୀ ପ୍ରଦୀପ କୁମାର, ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ, ଶ୍ରୀ ଏଲ୍.ଭି.ଏସ୍.ଏସ୍. ପାତ୍ରୁଡୁ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହିତ ସମ୍ବଲପୁର ଷ୍ଟେସନ ନିରୀକ୍ଷଣ କରିଛନ୍ତି । ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମହାପ୍ରବନ୍ଧକ, ପୂର୍ବତଟ ରେଳପଥ, ଶ୍ରୀ ବିଦ୍ୟାଭୂଷଣଙ୍କ ନିର୍ଦ୍ଦେଶାନୁସାରେ ଷ୍ଟେସନ ପରିସର ଓ ବିଭିନ୍ନ ଯାତ୍ରୀ ସୁବିଧାର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା କରାଯାଉଅଛି । ସମ୍ବଲପୁର ରେଳ ଷ୍ଟେସନ ନିରୀକ୍ଷଣ କରିସାରିବା ପରେ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସ୍ଥାନୀୟ ଗଣମାଧ୍ୟମ ସହିତ ସାକ୍ଷାତକାର କରି ଷ୍ଟେସନର ବିକାଶ ପାଇଁ ଦୀର୍ଘମିଆଦି ଏବଂ ସ୍ୱଳ୍ପ ମିଆଦି ଯୋଜନା ବିଷୟରେ ସୂଚନା ଦେଉଥିଲେ । ଷ୍ଟେସନ ପରିସର ଏବଂ ଏହାର ସର୍କ୍ୟୁଲାର ଅଂଚଳରେ ଉନ୍ନତ ଆଲୋକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ସହିତ ଷ୍ଟେସନର ଫେସ ଲିଫ୍ଟ ଯୋଜନା କରାଯାଇଛି । ଦୀର୍ଘ ମିଆଦିରେ ଷ୍ଟେସନରେ ଦୁଇଟି ଅତିରିକ୍ତ ପ୍ଲାଟଫର୍ମ ଯୋଗାଇ ଦିଆଯିବ । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ କହିଲେ ଯେ, ପୂର୍ବତଟ ରେଳପଥ, ସମ୍ବଲପୁର ରେଳମଣ୍ଡଳ କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ପୂର୍ବବର୍ଷ ତୁଳନାରେ ବର୍ଷ ୨୦୨୦-୨୧ ମଧ୍ୟରେ ମାଲ୍ ପରିବହନରେ ଉଲ୍ଲେଖନୀୟ ବୃଦ୍ଧି ସହିତ ବହୁମୁଖୀ ପ୍ରଦର୍ଶନ କରିପାରିଛି ।

# ନାରାୟଣପାଟଣା ବ୍ଲକର ଦଳୀୟ ସଂଗଠନ ବିଷୟରେ ଭାର୍ଚୁଆଲ ବୈଠକ

ଜୟପୁର,୨୬/୭ (ନି.ପ୍ର): ବିଜୁ ଜନତା ଦଳ ଜୋନାଲ କାଯ୍ୟାଳୟ ଜୟପୁର ଠାରେ ଲକ୍ଷ୍ମୀପୁର ନିବାଚନ ମଣ୍ଡଳୀ ଅନ୍ତର୍ଗତ ନାରାୟଣପାଟଣା ବ୍ଲକର ଦଳୀୟ ସଂଗଠନ ବିଷୟରେ ଭାର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କୋରାପୁଟ ଜିଲା ପଯ୍ୟବେକ୍ଷକ ଚନ୍ଦ୍ର ସାରଥି ବେହେରା ଏବଂ କୋରାପୁଟ ଜିଲା ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଦଳୀୟ ସଂଗଠନକୁ ସୁଦୃଢ କରିବାକୁ ନିଦ୍ଦେଷ ଦେଇଥିଲେ । ଏହି ଭାରଚୁଆଲ ବୈଠକଟି ଜିଲା ଉପ ସଭାପତି ଉତ୍କଳ ରଞ୍ଜନ ନାୟକଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

# ପରଲୋକରେ ଆଦର୍ଶ ଶିକ୍ଷୟତ୍ରୀ ମଧୁସ୍ମିତା

ମାଲକାନଗିରି,୨୬/୭ (ନି.ପ୍ର): ଆଦର୍ଶ ଶିକ୍ଷୟିତ୍ରୀ, ଛାତ୍ର ବତ୍ସଳା ଜନନୀ, ସମାଜ ସେବୀ, ସୁଗୃହିଣୀ ବରିଷ୍ଠ କବି, କରୁଣାକର ମଲ୍ଲିକ ଙ୍କ ଧର୍ମପତ୍ନୀ ମଧୁସ୍ମିତା ଙ୍କ ଗତ ୧୫ ତାରିଖରେ ଅକାଳ ବିୟୋଗରେ ସମଗ୍ର ଶିକ୍ଷକ ସମାଜରେ ଏକ ଶୋକର ଛାୟା ଖେଳିଯାଇଛି । ସୁଦୂର କେନ୍ଦ୍ରାପଡ଼ା ଜିଲ୍ଲାରୁ ସ୍ୱାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଉପାନ୍ତ ମାଲକାନଗିରି ଜିଲ୍ଲାର ତାର୍ଲାକୋଟା ଭଳି ଆଦିବାସୀ ଗ୍ରାମରେ ରହି ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୦୦୬ ମସିହାରୁ ପ୍ରଥମେ ଶିକ୍ଷାସହାୟିକା ଓ ପରବର୍ତ୍ତୀ ୨୦୧୭ ମସିହାରୁ ନିୟମିତ ସହକାରୀ ଶିକ୍ଷୟିତ୍ରୀ ଭାବେ ନିଷ୍ଠାପର ଭାବେ କାର୍ଯ୍ୟ କରିଆସୁଥିଲେ ।ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ସୁଗୃହିଣୀ, ପତିବ୍ରତା ନାରୀ ଓ ଛାତ୍ର ବତ୍ସଳା ମାଆ ଥିଲେ । ଯାହାଙ୍କ ଉଦ୍ଦେଶ୍ୟରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ଖୋର୍ଦ୍ଧା, ଭୁବନେଶ୍ୱର, ବ୍ୟାସକବି ଫକୀରମୋହନ ସାହିତ୍ୟସଂସଦ, ବାଲେଶ୍ୱର, ତାର୍ଲାକୋଟା ପଞ୍ଚାୟତ ଶିକ୍ଷକ ସମୂହ ଶୋକସଭା ଆୟୋଜନ କରିଛନ୍ତି ।ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ତରଫରୁ ତାଙ୍କ ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି । ଯେଉଁ କାର୍ଯ୍ୟ କ୍ରମଗୁଡିକରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ପ୍ରଫେସର ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ସ୍ତମ୍ଭକାର ରବି ଦାସ, ଚକ୍ରଧର ତ୍ରିପାଠୀ, ପଦ୍ମନାଭ ତ୍ରିପାଠୀ, ପ୍ରତିଷ୍ଠାତା ବଳରାମ ତରାଇ, ଡଃ ରଜନୀ ରଞ୍ଜନ ଦାଶ, ସମ୍ପାଦିକା ସରସ୍ୱତୀ ନାୟକ ପ୍ରମୁଖ ଶତାଧିକ ଶୁଭାକାଂକ୍ଷୀ ଯୋଗ ଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ନିଜ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲାର ନରଣପୁର ରେ ଏକାଦଶ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ତରଫରୁ ସ୍ମୃତିରେ ମଧୁସ୍ମିତା ନାମକ ଏକ ସ୍ମରଣିକା ଉନ୍ମୋଚନ ହୋଇଯାଇଛି । ଅନୁଷ୍ଠାନ ତରଫରୁ ଏକ ସ୍ମୃତି ସଭା ଆୟୋଜନ କରାଯାଇ ତାଙ୍କ ସ୍ମୃତି ଚାରଣ କରିବା ସହ ପରିବାର , ଜ୍ଞାତି କୁଟୁମ୍ବ ତାଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ପ୍ରତିଷ୍ଠାନର ସଭାପତି ଚକ୍ରଧର ତ୍ରିପାଠୀ, ପଥପ୍ରଦର୍ଶକ ପଦ୍ମନାଭ ତ୍ରିପାଠୀ, ପ୍ରତିଷ୍ଠାତା ବଳରାମ ତରାଇ, ସମ୍ପାଦିକା ସରସ୍ୱତୀ ନାୟକ, ଉପଦେଷ୍ଟା ନୀରୋଦ ଚନ୍ଦ୍ର ଜେନା, ପ୍ରମୋଦ କୁମାର ତ୍ରିପାଠୀ , ସନ୍ତୋଷ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ହଜିଯାଇଛି ଶିମିଳିପାଳର ଶିରୀ, ଲିଭିଯାଇଛି ସବୁଜିମା



ଡ. ରମାକାନ୍ତ ମହାନ୍ତ

ବିଶ୍ୱର ଐତିହ୍ୟ, ଭାରତର ଅଷ୍ଟମ ଜୈବମଣ୍ଡଳ, ଓଡିଶାର ହିମାଳୟ ଜୀବଜଗତର ହୃତପିଣ୍ଡ ଶିମିଳିପାଳ ଭିତରେ ଥିବା ଗୁଡୁଗଡିଆ ଗ୍ରାମ ପଂଚାୟତର ଖଇରୀ ନଦୀକୂଳରେ ପ୍ରାକୃତିକ ଶୋଭାରେ ଭରପୁର ଏକ ସୁନ୍ଦର ଗ୍ରାମର ନାମ କୁମାରୀ । ଏହି ଗ୍ରାମରେ ୧୯୫୧ ମସିହା ଅକ୍ଟୋବର ମାସ ୧୬ ତାରିଖ ରେ ସୁରେନ୍ଦ୍ର କୁମାର ନାଏକଙ୍କର ଜନ୍ମ । ତାଙ୍କର ପିତାଙ୍କର ନାମ ଗଣନାଥ ନାଏକ ଏବଂ ମାତାଙ୍କର ନାମ ଗୁରୁବାରୀ ନାଏକ । କୁଳୁକୁଳୁନାଦରେ ବୋହୀ ଯାଉଥିବା ଖଇରୀ ନଦୀ କୂଳରୁ ଏକଦା ଖଇରୀ ବାଘୁଣୀ ଶାବକକୁ ଉଦ୍ଧାରକରି ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଥିବା ଶିମିଳିପାଳ ଆଜି ନିଆଁର ପ୍ରଚଣ୍ଡ ଉତ୍ତପ୍ତରେ ସିଝି ଭିଜୀ ଗୁମୁରୀ ଗୁମୁରୀ କାନ୍ଦୁଥିବାର ସ୍ୱରକୁ ଶୁଣି ପାରିଛନ୍ତି ସୁରେନ୍ଦ୍ର କୁମାର । କୁମାରୀ ଗାଁରେ ନିଜର ଶୈଶବ କୈଶର ଯୌବନ ଏବଂ ପ୍ରୌଢ ଅବସ୍ଥାକୁ ଅତିକ୍ରମ କରି ଆଜି ସେ ଜୀବନର ଅପରାହ୍ନରେ ଉପନୀତ ହୋଇ ମଧ୍ୟ ଭୂଲି ପାରିନାହାଁନ୍ତି ନିଜର ଅତୀତକୁ । ଦିନେ ଯେଉଁ ବିଦ୍ୟାଳୟରେ ସେ ପାଠ ପଢିଥିଲେ ସେହି ବିଦ୍ୟାଳୟରେ ଶିକ୍ଷକ ହେବାର ଯୋଗ୍ୟତା , ଦକ୍ଷତା ଏବଂ ଗୌରବ ହାସଲ କରି ଦୀର୍ଘ ୩୮ ବର୍ଷକାଳ ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିବା ସୁନାମଧନ୍ୟ ଶିକ୍ଷକ ସୁରେନ୍ଦ୍ର କୁମାର ନାଏକଙ୍କ ସହିତ ଏକ ସୌଜନ୍ୟମୂଳକ ସାକ୍ଷାତକାର : ପ୍ରସ୍ତୁତ କରିଛନ୍ତି ଶିମିଳିପାଳ ଇକୋ ଫ୍ରେଣ୍ଡସର ସଂପାଦକ ଡକ୍ଟର ରମାକାନ୍ତ ମହାନ୍ତ ।



ପ୍ର. ଆପଣ ୬୦ ବର୍ଷ ପୂର୍ବରୁ ଶିମିଳିପାଳକୁ କେମିତି ଦେଖୁଥିଲେ ! ଆଜି କେମିତି ଦେଖୁଛନ୍ତି ?

ଉ-୬୦ ବର୍ଷ ପୂର୍ବରୁ ଶିମିଳିପାଳ ହସୁଥିଲା, ଗଛ ଲତା ଜୀବଜନ୍ତୁରେ ଭରପୁରଥିଲା ଶିମିଳିପାଳ । ପଶୁ ପକ୍ଷୀ ଜୀବ ଜନ୍ତୁ ମାଳମାଳ । ଏକୁଟିଆ ବାହାରକୁ ବାହାରିବା , ଯିବା ଆସିବା କରିବା ଥିଲା ଅତି ବିପଦପୂର୍ଣ୍ଣ । ଆଜି କିନ୍ତୁ, ତାହାର ବିପରୀତ, ଶିମିଳିପାଳ ଭିତରେ ଜନ ସଂଖ୍ୟା ଗାଁ ସଂଖ୍ୟା ବଢିଯାଇଛି, ଗଛ ଲତା ପଶୁ ପକ୍ଷୀଙ୍କର ସଂଖ୍ୟା ଆଶାତୀତ ଭାବରେ କମିଯାଇଛି । ଅତୀତରେ ହସୁ ଥିବା ଶିମିଳିପାଳ ଆଜି କାନ୍ଦୁଛି.... । ହଜିଯାଇଛି ଶିମିଳିପାଳର ଶିରୀ, ଲିଭିଯାଇଛି ଅତୀତର ସବୁଜିମା ...... ।

ପ୍ର.ମିଳିତଜାତି ସଂଘ ପକ୍ଷରୁ ଚଳିତ ବର୍ଷ୨୦୨୧ ଜୁନମାସ ୫ ତାରିଖ ଠାରୁ ୨୦୩୦ ଜୁନ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ଜୈବମଣ୍ଡଳ ପୁନଃଉଦ୍ଧାର ଦଶନ୍ଧି । ନିରନ୍ତର ଦୃତ ଧ୍ୱଂସାଭୀମୁଖୀ ଶିମିଳିପାଳ ଜୈବଣ୍ଡଳର ପୁନଃଉଦ୍ଧାର ଜାତିସଂଘର ଏହି ଯୋଜନା ଦ୍ୱାରାସମ୍ଭବ କି ?

ଉ-ହଁ, ସମ୍ଭବ । ଯଦି ଯୋଜନାକୁ କାଗଜ କଲମରେ ସୀମିତ ନରଖି, ଯୋଜନା ଦ୍ୱାରା ଶିମିଳିପାଳକୁ ସର୍ବସାଧାରଣ ଭଲ ପାଇ ଶିଖିବେ । ଶିମିଳିପାଳରେ ନିଆଁ ଲାଗିବା, ଗଛକାଟିବା, ପଶୁ ଶୀକାର କରିବାକୁ ସଂପୂର୍ଣ୍ଣ ବନ୍ଦ କରାଯିବ । ଯଦି ଶିମିଳିପାଳକୁ ଅବୈଧ ଭାବରେ ପ୍ରବେଶ କରୁଥିବା ଅସାମାଜିକ ଲୋକମାନଙ୍କୁ ଆକଟ କରାଯିବ ଏବଂ ଦୋଷୀ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଶିମିଳିପାଳର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଆସୁଥିବା ଅନୁଦାନକୁ ଯଥାର୍ଥଭାବେ ବିନିଯୋଗ କରାଯିବ, ତେବେ ଦଶବର୍ଷ ଲାଗିବ ନାହିଁ ପାଂଚ ବର୍ଷ ଭିତରେ ଶିମିଳିପାଳର ପୂର୍ବ ଗୌରବ, ପୂର୍ବ ମହିମା, ପୂର୍ବ ସବୁଜିମା ଫେରିଆସିବ । ଶିମିଳିପାଳରେ ପୁଣି ମହାବଳ ବାଘ, ଭାଲୁ, ହାତୀ, ଚଉଶିଙ୍ଗା ହରିଣୀ, ବନମୟୂରୀ ଆଦି ନାଚିବେ । ପ୍ରକୃତିମାତା ହସି ଉଠିବ ।

ପ୍ର-ସେଥିପାଇଁ କଣ କରିବାକୁ ହେବ ?

ଉ-ସେଥିପାଇଁ କାୟ ମନ ବାକ୍ୟରେ ଶାସକ ପ୍ରଶାସକ ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମକୁ ଆପଣେଇବାକୁ ହେବ । ପ୍ରକୃତି ମାତାପ୍ରତି କୃତଜ୍ଞ ଭାବ ଜାଗ୍ରତ କରିବାକୁ ହେବ ।

## ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ବାଦାମ ହାଲୱା

**ଆବଶ୍ୟକ ସାମଗ୍ରୀ:**

ପିସ୍ତାବାଦାମ, ସୁଜି, ଚିନି, ଦେଶୀ ଘିଅ, କ୍ଷୀର, ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗରମ ପାଣିରେ ପିସ୍ତାବାଦାମକୁ ଘଣ୍ଟାଏରୁ ଅଧିକ ସମୟ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ତା' ଉପର ଚୋପାକୁ ଛଡ଼ାଇ ଏକ କପଡ଼ାରେ ପୋଛି ପୂରା ଡ୍ରାଏ କରି ଦିଅନ୍ତୁ। ଏହାପରେ ଏହାକୁ ଗ୍ରାଇଣ୍ଡି କରି ଏକ ପାଉଡ଼ର ପ୍ରସ୍ତୁତ କରନ୍ତୁ।

ଏବେ ଏକ ପ୍ୟାନ୍‌ରେ ଦେଶୀ ଘିଅ ଗରମ କରନ୍ତୁ। ସେଥିରେ ଅଳ୍ପ ସୁଜି ପକାଇ ଭାଜି ଦିଅନ୍ତୁ। ଏହା ହାଲକା ଲାଲ ହୋଇଯିବା ପରେ ସେଥିରେ ବାଦାମ ପାଉଡ଼ର ପକାନ୍ତୁ। ଆଞ୍ଚ ସ୍ଲୋ କରି ଏହାକୁ ଭଲ ଭାବେ ଫ୍ରାଏ କରନ୍ତୁ। ଏହାପରେ ସେଥିରେ ପାଣି ଦିଅନ୍ତୁ। ପାଣି ଫୁଟିଲେ ଏହାକୁ ଭଲ ଭାବେ ଘାଣ୍ଟନ୍ତୁ, ଯେପରି ତଳେ ନ ଲାଗିବ। ଏହାପରେ ଏହି ମିଶ୍ରଣରେ କିଛି କେଶର, କ୍ଷୀର ଦିଅନ୍ତୁ। ଏହାପରେ ସେଥିରେ ନିଜର ସ୍ୱାଦ ଅନୁଯାୟୀ, ଚିନି ପକାନ୍ତୁ।

ଏବେ ଗରମାଗରମ ପ୍ଲେଟକୁ ସର୍ଭ କରନ୍ତୁ ବାଦାମ ହାଲୱା। ଡ୍ରାଏ ଫ୍ରୁଟସ୍ ଦେଇ ଏହାକୁ ସଜାଇ ପାରିବେ। ଏହାକୁ ପୂଜାପର୍ବରେ ଅତିଥିଙ୍କ ପାଇଁ ଘରେ ପ୍ରସ୍ତୁତ କରିପାରିବେ।



## ପିଲା ଓ ଅନ୍‌ଲାଇନ ଗେମ୍



ବର୍ତ୍ତମାନ ଇଣ୍ଟରନେଟ୍‌ରେ ଗେମ୍ ଖେଳିବା ଅଧିକାଂଶ ପିଲାମାନଙ୍କ ଦୈନନ୍ଦିନ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟିଛି କହିଲେ ଅତ୍ୟୁକ୍ତି ହେବନାହିଁ । ହେଲେ ଅପରପକ୍ଷେ ଏହି ନିଶା ସେମାନଙ୍କଠାରେ ନା କେବଳ ଶାରୀରିକ ତଥା ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି ବରଂ ଏହା ଯୋଗୁ କେତେଜଣଙ୍କ ଜୀବନ ହାନି ହେଉଥିବାର ନଜିର ମଧ ରହିଛି । ତେଣୁ ପିଲାମାନଙ୍କୁ ଖେଳିବା ଲାଗି ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ଦେଉଥିବା ଅଭିଭାବକ ଏ ଦିଗରେ ସଚେତନ ହେବା ଆବଶ୍ୟକ...

ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଖେଳିବା ଲାଗି ଫାଙ୍କା ପଡ଼ିଆ ନ ଥିବା କାରଣରୁ ହେଉ ଅବା ପାଠ ପଢ଼ା, ଟ୍ୟୁଶନ୍ ଆଦି ବ୍ୟସ୍ତତା ଭିତରେ ହେଉ ପିଲାମାନେ ଆଉଟ୍‌ଡୋର ଗେମ୍ ପରିବର୍ତ୍ତେ ଅନ୍‌ଲାଇନ୍ ଗେମ୍ ପ୍ରତିଅଧିକ ଆଗ୍ରହୀ ହେଉଛନ୍ତି । ଆଉ ପିଲାଙ୍କ ଆଗ୍ରହ ଦେଖି ଅଭିଭାବକମାନେ ବିଶେଷ କରି ଉଭୟ କର୍ମଜୀବୀ ହୋଇଥିବା ମାଆବାପାମାନେ ବେଶ୍ ଦାମୀ ଇ-ଗ୍ୟାଜେଟ୍ ଯୋଗାଇ ଦେବାକୁ ପଛାଉ ନାହାନ୍ତି ।

ହେଲେ ଏହାଦ୍ୱାରା ପିଲାମାନେ ସମ୍ପୂର୍ଣ୍ଣ ରୂପେ ଆଉଟ୍‌ଡୋର୍ ଗେମ୍‌ଠାରୁ ଦୂରେଇ ଯାଇ ଅଳସୁଆ ହୋଇଯାଉଛନ୍ତି । ଗୋଟିଏ ସ୍ଥାନରେ ବସି ରହି ଖେଳିବା ଦ୍ୱାରା କାନ, କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକି ହୋଇ ରହୁଛି ଏବଂ ପିଲାବେଳୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି । ତା'ଛଡ଼ା ଶାରୀରିକ ପରିଶ୍ରମ ନହେବା ଏବଂ ଖେଳିବା ବେଳେ ଖାଇବା ଦ୍ୱାରା ମେଦବହୁଳତା ଦେଖା ଦେଉଛି । ଖେଳିବା ନିଶାରେ ଅନେକେ ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା ଯୋଗୁଁ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ, ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମୀ, ହୃଦ୍ ସମସ୍ୟା, ଆଖିତଳ କଳାପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣ ଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେଉଛି । କେବଳ ଏତିକି ନୁହେଁ ଏହା ଯୋଗୁ କେତେକ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି ।

ଏହା ଏଭଳି ଏକ ନିଶା, ଯାହାଫଳରେ ଯଦି କୌଣସି ଦିନ ସେମାନଙ୍କୁ ଏଥିରୁ ନିବୃତ୍ତ ରଖାଯାଏ ତେବେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି । ତେବେ ବାରମ୍ବାର ଫାଇଟିଂ, ରେସିଂ ଆଦି ଗେମ୍ ଖେଳିବା ଦ୍ୱାରା ମାନସିକ ସ୍ତରରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି । ଫଳସ୍ୱରୂପ ମନରେ କ୍ରୋଧ, ହିଂସା ଭଳି ଭାବନା ସୃଷ୍ଟି ହେଉଛି । କେବଳ ଏତିକି ନୁହେଁ ଏଥିଯୋଗୁ ଅନେକ ହତ୍ୟା ଏବଂ ଆତ୍ମହତ୍ୟା ଜନିତ ମୃତ୍ୟୁର ନଜିର ରହିଛି । ଲୋଇସିଆନାର ଜଣେ ମାତ୍ର ୮ ବର୍ଷର ବାଳକ ଗେମ୍ ଖେଳିବାକୁ ବାରଣ କରିବାକୁ ନିଜ ଜେଜେମା'ଙ୍କୁ ହତ୍ୟା କରିଥିଲା । ସେହିପରି 'ଗ୍ରାଣ୍ଡ ଥେଫ୍ଟ ଅଟୋ' ଗେମ୍ ନିଶାରେ ଜଣେ ୧୮ ବର୍ଷର ଯୁବକ ବାସ୍ତବରେ ୩ ଜଣ ପୋଲିସ୍ ଅଫିସରଙ୍କୁ ମାରି ନିଜେ ପୋଲିସ୍ ଗାଡ଼ି ଆଗକୁ ଆସି ମୃତ୍ୟୁବରଣ କରିଥିଲା । ଗେମ୍ ନିଶା ତାଙ୍କଠାରେ ଏତେମାତ୍ରାରେ ଥିଲା ଯେ, ସେ



ଜୀବନ ଏକ ଭିଡିଓ ଗେମ୍, ତେଣୁ କେତେବେଳେ ହେଲେ ମରିବାକୁ ହେବ ବୋଲି ମାନି ନେଇଥିଲେ ।

ମ୍ୟାନ୍ ହଣ୍ଟ ନାମକ ଏକ ଗେମ୍ ଖେଳୁଥିବା ଇଂଲଣ୍ଡର ଜଣେ ଯୁବକ ଜଣେ ୧୪ ବର୍ଷର କିଶୋରକୁ ୫୦ ଥର ଛୁରି ଭୁସି ମାରିଥିଲେ । ତାଇୱାନ୍‌ର ଜଣେ ୧୮ ବର୍ଷର ଯୁବକ ଦୀର୍ଘ ୪୦ ଘଣ୍ଟା ସାଇବର କାଫେରେ ବସି ଡିଆବ୍ଲୋ ୩ ଗେମ୍ ଖେଳିବା ଦ୍ୱାରା ସେଠାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ।

-ଦିନକୁ ଦିନ ଅନ୍‌ଲାଇନ୍ ଗେମ୍ ଯୋଗୁ ଏଭଳି ମୃତ୍ୟୁ ସଂଖ୍ୟା ବଢୁଥିବା ଦେଖିବାକୁ ମିଳୁଛି । କିଛି ବର୍ଷ ପୂର୍ବରୁ ପୋକେମନ୍ ଗୋ ଗେମ୍ ଏବଂ ବର୍ତ୍ତମାନ ବ୍ଲୁ ହ୍ୱେଲ୍ ଗେମ୍ ଯୋଗୁ ସମଗ୍ର ବିଶ୍ୱରେ ଅନେକଙ୍କ ଜୀବନ ହାନି ହୋଇଥିବା ଘଟଣା ଅତ୍ୟନ୍ତ ପରିତାପର ବିଷୟ ସାଜିଛି ।



ତେଣୁ ପିଲାମାନେ ଅଧିକ ସମୟ ଅନ୍‌ଲାଇନ୍ ଗେମ୍ ଖେଳୁଥିଲେ ସେମାନଙ୍କ ସ୍ୱାସ୍ଥ୍ୟ ତଥା ଆତ୍ମସୁରକ୍ଷା ଲାଗି ଅଭିଭାବକମାନଙ୍କୁ କେତୋଟି ଦିଗ ପ୍ରତି ସଚେତନ ହେବା ନିହାତି ଆବଶ୍ୟକ...

-ପ୍ରଥମେ ପିଲାମାନେ ଇଣ୍ଟରନେଟ୍‌ର କିଭଳି ବ୍ୟବହାର କରୁଛନ୍ତି ତଦାରଖ କରନ୍ତୁ । ଅନ୍‌ଲାଇନ୍‌ରେ କେଉଁ କେମ୍ କେତେ ସମୟ ପର୍ଯ୍ୟନ୍ତ ଖେଳୁଛନ୍ତି ଦେଖନ୍ତୁ । ଗେମ୍‌ର ରୁଲ୍ ଆଣ୍ଡ ରେଗୁଲେଶନ୍ ପଢ଼ିନିଅନ୍ତୁ । ଅଧିକାଂଶ ପିଲା ସ୍କୋର ବୋର୍ଡ ବଢ଼ାଇବା ଲାଗି ଅନ୍‌ଲାଇନ୍‌ରେ ହିଁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ କମ୍ପିଟିଶନ କରିଥାନ୍ତି । ଯଦି ଆପଣଙ୍କ ପିଲା ବି ଏପରି କରୁଥାନ୍ତି ତେବେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ ।

ଯଦି କୌଣସି ପ୍ରକାର ସନ୍ଦେହ ଉପୁଜୁଛି ତେବେ ପିଲାଙ୍କୁ ଯଥା ଶୀଘ୍ର ସେଥିରୁ ମୁକୁଳାନ୍ତୁ । ପିଲାଙ୍କ ଆଗ୍ରହ ନ ଭାଙ୍ଗିବା ଲାଗି ଆପଣ ଚାହିଁଲେ ତା'ଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ମଧ ଖେଳିପାରିବେ ।

-ପିଲାମାନେ ମୋବାଇଲ ହେଉ ଅବା ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ୍ ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ । କାରଣ ବର୍ତ୍ତମାନ ସୋସିଆଲ ଆକାଉଣ୍ଟ ହ୍ୟାକ୍ କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇବା ଭଳି ଘଟଣା ମଧ ଦେଖିବାକୁ ମିଳୁଛି ।

-ଆପଣ ଚାହିଲେ କିଡ୍ସ ପ୍ଲେସ, କୁକ୍‌ଲା, ଆବେଓନା, ପ୍ୟାରେଣ୍ଟାଲ କଣ୍ଟ୍ରୋଲବୋର୍ଡ, ସିକ୍ୱୋର ଟିନ୍, କିଡ୍ସ ଜୋନ୍, ପର୍ଟନ ଫ୍ୟାମିଲୀ ଆଦି ପ୍ୟାରେଣ୍ଟାଲ କଣ୍ଟ୍ରୋଲ ଆପ୍ ଡାଉନଲୋଡ କରି ପିଲାଙ୍କ ସ୍ମାର୍ଟଫୋନ୍ ଏବଂ ଅନ୍‌ଲାଇନ୍ ଆକ୍ଟିଭିଟିକୁ ତଦାରଖ କରିପାରିବେ । ଗେମ୍ ଖେଳିବାର ସମୟସୀମା କମାଇପାରିବେ । ଏହାର ଅର୍ଥ ଆପଣ ପିଲା ଖେଳୁଥିବା ସିଷ୍ଟମ୍‌ରେ ଏକ ଆକାଉଣ୍ଟ ଖୋଲି ଗେମ୍‌ର ଟାଇମ୍ ଲିମିଟ୍ ସେଟ୍ କରିପାରିବେ । ଏହାଦ୍ୱାରା ପିଲା ଖେଳିବା ସମୟରେ ନିର୍ଦ୍ଧାରିତ ସମୟ ପୂରା ହେବା ପୂର୍ବରୁ ଏକ ୱାର୍ନିଂ ଆସିଥାଏ ଏବଂ କିଛି ସମୟ ମଧରେ ସିଷ୍ଟମ ବନ୍ଦ ହୋଇଯାଇଥାଏ, ଯାହାକି ଆପଣ ଆକାଉଣ୍ଟର ପାସ୍‌ୱାର୍ଡ ନ ଦେବା ଯାଏ ଖୋଲି ନଥାଏ ।

## ସୁନ୍ଦର୍ ଅଥଚ ବିଷାକ୍ତ



ରୁଷର ସାଇବେରିଆସ୍ଥିତ ଏକ ଛୋଟ ହ୍ରଦରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅନନ୍ୟ । ଗାଢ଼ ନୀଳ ରଙ୍ଗର ଏହି ହ୍ରଦ କୂଳରେ ବସି ସମୟ କାଟିବାର ଅଭିଜ୍ଞତା ଅଭୁଲା । ତଥାପି ହ୍ରଦଟି ପାଖକୁ ନ ଯିବା ପାଇଁ ନିଷେଧ ଜାରି କରାଯାଇଛି । କାରଣ ଏହା ହ୍ରଦ ଭଳି ଦୃଶ୍ୟମାନ ହେଉଥିଲେ ମଧ୍ୟ ପ୍ରକୃତରେ ବିଷାକ୍ତ ପାଣିରର ଏକ ବିଶାଳ ଜଳାଶୟ । ଏହି ହ୍ରଦ ପାଖରେ ଲୋକେ ଫଟୋ ଉଠାନ୍ତି । ହ୍ରଦର ବିଷାକ୍ତ ପାଣି ବିଷୟରେ ଜଣେ ଯୁବତୀ ସୂଚନା ଦେଇଥିଲେ । ସେ ଏକ ଫଟୋସୁଟ୍ ପାଇଁ ପାରି ମଧ୍ୟକୁ ପ୍ରବେଶ କରିଥିଲେ । ପାଣିରୁ ବାହାରିବା ପରେ ତାଙ୍କ ଦେହରୁ ଲାଲ୍ ଦାଗ ସୃଷ୍ଟି ହୋଇଥିଲା ଓ ଶ୍ୱାସପ୍ରଶ୍ୱାସ ନେବାରେର କଷ୍ଟ ଅନୁଭବ ହୋଇଥିଲା । ନିକଟସ୍ଥ ଏକ ପାଓ୍ୱାର୍ ପ୍ଲାଣ୍ଟ୍‌ରୁ ନିର୍ଗତ ତରଳ ରାସାୟନିକ ବର୍ଜ୍ୟବସ୍ତୁ ଜମା ହୋଇ ଏକ କୃତ୍ରିମ ହ୍ରଦ ସୃଷ୍ଟି ହୋଇଛି । ସହରରର ଲୋକମାନେ ଏହାର ନାମ ଦେଇଛନ୍ତି 'ସାଇବେରିଆନ୍ ମାଲଦୀଭ୍‌ସ' । ଏହାର ପାଣରରି ଏତେ ବିଷାକ୍ତ ଯେ ଏଥିରେ କୌଣସି ଜଳଚର ପ୍ରାଣୀ ଜୀବିତ ରହି ପାରନ୍ତି ନାହିଁ ? କିନ୍ତୁ ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ କହିବା ହେଲା ଏହି ହ୍ରଦର ପାଣି ବିଷାକ୍ତ ନୁହେଁ, ଅତ୍ୟଧିକ କ୍ଷାରୀୟ ଯୋଗୁ ଏପରି ହୋଇଛି ।

## ଖାଦ୍ୟରେ ଅଧିକ ଲଙ୍କା ପଡ଼ି ଯାଇଥିଲେ କ'ଣ କରିବେ ?

**ଯେପରି ଖାଦ୍ୟରେ ଅଧିକ ଲୁଣ ପଡିଗଲେ ସମ୍ପୂର୍ଣ୍ଣ ଖାଦ୍ୟର ସ୍ୱାଦ ନଷ୍ଟ ହୋଇଯାଏ। ସେହିପରି ତରକାରୀରେ ଅଧିକ ଲଙ୍କା ପଡିଗଲେ ମଧ ତା'ର ସ୍ୱାଦ ପୁରାପୁରି ବିଗିଡିଯାଏ। ଏଭଳି ଖାଦ୍ୟକୁ କେହିବି ଖାଇବା ପାଇଁ ପସନ୍ଦ କରନ୍ତି ନାହିଁ। ଫଳରେ ଆପଣଙ୍କ ଦ୍ୱାରା କରାଯାଇଥିବା ପରିଶ୍ରମ ବୃଥା ହୋଇଯାଏ। ପ୍ରସ୍ତୁତ ହୋଇଥିବା ଖାଦ୍ୟକୁ ଫିଙ୍ଗିବାକୁ ପଡିଥାଏ। ତେବେ ଆମ ପାଖରେ ଆପଣଙ୍କ ପାଇଁ ଏଭଳି କିଛି ଘରୋଇ ଟିପ୍ସ ରହିଛି ଯାହାକୁ ଆପଣାଇ ଖାଦ୍ୟର ଅତ୍ୟଧିକ ଲଙ୍କା ଅଂଶକୁ କମ୍ କରାଯାଇପାରିବ।**

ଘିଅ ବା ବଟର: ଘିଅ, କ୍ରିମ୍ ଏବଂ ବଟରରେ ପ୍ରାକୃତିକ ମିଠା ରହିଛି। ତରକାରୀର ଅତ୍ୟଧିକ ଲଙ୍କା ଅଂଶକୁ କମ୍ କରିବା ପାଇଁ ଆପଣ ଏହି ତିନୋଟି ଜିନିଷ ଭିତରୁ କୌଣସି ଗୋଟିଏକୁ ସୀମିତ ମାତ୍ରାରେ ପକାଇ ରାଗ ଅଂଶ କମ୍ କରିପାରିବେ।

ଟମାଟୋ: ଟମାଟୋ ପେଷ୍ଟ ପ୍ରସ୍ତୁତ କରି ତରକାରୀରେ ପକାଇବା ଦ୍ୱାରା ସେଥିରେ ଥିବା ଅତ୍ୟଧିକ ଲଙ୍କାପଣ ଦୂର ହୋଇଯାଇଥାଏ।

ବେସନ: ଯଦି ଆପଣ ସୁଖିଲା ଭଜା ତିଆରି କରିଛନ୍ତି, ସେଥିରେ ଅଧିକ ଲଙ୍କା ପଡିଯାଇଛି। ତେବେ ତା'ର ଲଙ୍କାପଣ ଦୂର କରିବା ପାଇଁ ସେଥିରେ ବେସନକୁ ଅଳ୍ପ ଭାଜି ମିଶାଇ ଦିଅନ୍ତୁ। ଦେଖିବେ ଭଜାରୁ ଅତ୍ୟଧିକ ଲଙ୍କା ଅଂଶ କମିଯିବ ଏବଂ ଏହା ସ୍ୱାଦିଷ୍ଟ ମଧ ହୋଇଯିବ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୭ ଜୁଲାଇ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରକୃତିର କ୍ରୋଧ...

ଗତ କିଛିଦିନ ଧରି ମହାରାଷ୍ଟ୍ରର ବିଭିନ୍ନ ଭାଗରେ ହୋଇଥିବା ଅତିବୃଷ୍ଟି ଯୋଗୁ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାରେ ନାହିଁନଥିବା ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ରାଇଗଡ଼ ଜିଲ୍ଲା ସମେତ ଆଉ କେତେକ ସ୍ଥାନରେ ଭୂସ୍ଖଳନ ଘଟି ପ୍ରାୟ ୧୩୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ଆହୁରି ଅନେକ ଲୋକ ନିଖୋଜ ଅଛନ୍ତି । ରାଜ୍ୟରେ ଏବେ ଉଦ୍ଧାର କାର୍ଯ୍ୟ ନିମନ୍ତେ ସେନାବାହିନୀ ସମେତ ସମସ୍ତ ଆପାତକାଳୀନ ବାହିନୀଙ୍କୁ ମୁତୟନ କରାଯାଇଛି । କରୋନା ମହାମାରୀ ବେଳେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ଲୋକମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି । ବନ୍ୟା ପ୍ରଭାବରୁ ପ୍ରଭାବରୁ ହଜାର ହଜାର ପରିବାର ଏବେ ଘରଦ୍ୱାର ହରାଇ ସର୍ବସ୍ୱାନ୍ତ ହୋଇଛନ୍ତି । ଏହା କେବଳ ମହାରାଷ୍ଟ୍ର କଥା ନୁହେଁ, ଇତିପୂର୍ବରୁ ବିହାର ଓ ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶର କେତେକ ଅଂଚଳରେ ଓ ଆସାମରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ମୌସୁମୀ ଋତୁରେ ବନ୍ୟା ସହିତ ଭାରତବାସୀ ଉତ୍ତମ ରୂପେ ସୁପରିଚିତ, କିନ୍ତୁ ଏବେ ଯେଉଁ ବନ୍ୟା ଘଟୁଛି ତାହା ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଏବଂ ଅସମ୍ଭାଳ । ଭାରତର ଏହି ଘଟଣାକୁ ପୁଷ୍ଟ କରିବା ସକାଶେ ଚଳିତ ମାସ ପ୍ରଥମାର୍ଦ୍ଧରେ ୟୁରୋପରେ ଘଟିଥିବା ବର୍ଷା ଓ ବନ୍ୟା ବିପ୍ୟାତକୁ ମଧ୍ୟ ଉଦାହରଣ ରୂପେ ନିଆଯାଇପାରେ । ସେହି ବର୍ଷା ଓ ଆକସ୍ମିକ ବନ୍ୟାରେ ଜର୍ମାନୀ ଓ ବେଲଜିୟମରେ ବ୍ୟାପକ ଆବାସିକ ଅଂଚଳ ଜଳମଗ୍ନ ହେବା ସହିତ ଶତାଧିକ ଲୋକ ପ୍ରାଣ ହରାଇଥିଲେ । ଏ ପର୍ଯ୍ୟନ୍ତ ସେମାନଙ୍କୁ ଉତ୍ତମ ରୂପେ ଥଇଥାନ କରାଯାଇପାରିନାହିଁ ଓ ସେ ଦେଶ ସରକାରମାନେ ଏହାର ସ୍ଥାୟୀ ପ୍ରତିକାର ଉପାୟ ମଧ୍ୟ ବାହାର କରିପାରିନାହାଁନ୍ତି । କେବଳ ଚଳିତବର୍ଷ ନୁହେଁ, ଗତ କିଛିବର୍ଷ ଧରି ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନଜନିତ ଯେଉଁ ସମସ୍ୟା ଦେଖାଦେଇଛି, ତାହାର ପରିମାଣ ସ୍ୱରୂପ କେଉଁଠି ଅନାବୃଷ୍ଟି ଘଟୁଛି ତ ଆଉ କେଉଁଠି ସ୍ୱଳ୍ପ ସମୟ ମଧ୍ୟରେ ଅତିବୃଷ୍ଟି ଘଟି ଏଭଳି ବିପ୍ୟାତ ଘଟାଉଛି । ବିଶ୍ୱର ବିଶିଷ୍ଟ ଜଳବାୟୁ ବିଜ୍ଞାନୀମାନେ ଅନୁମାନ କରନ୍ତି ଯେ, ଯଦି ଏହି ଧାରା ଜାରି ରହେ, ତେବେ ଭବିଷ୍ୟତରେ ଏପରି ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବୃଦ୍ଧି ପାଇଚାଲିବ । କରୋନା ମହାମାରୀକୁ ନେଇ ସମଗ୍ର ବିଶ୍ୱ ଗଲା ପ୍ରାୟ ଦେଢ଼ ବର୍ଷ ଧରି ଏକପ୍ରକାର ଯୁଦ୍ଧରତ । ଏହା ଯେ କୌଣସି ମହାସମରଠାରରୁ କମ୍ ନୁହେଁ । କିନ୍ତୁ ଇତିପୂର୍ବରୁ ବିଶ୍ୱରେ ଘଟୁଥିବା ଉତ୍ତାପନ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବର କୁପରିଣାମ ସଂପର୍କରେ କେବଳ ବିଜ୍ଞାନୀମାନେ ନୁହଁନ୍ତି, ନେତୃବୃନ୍ଦ ମଧ୍ୟ ଅବଗତ ରହିଆସିଛନ୍ତି ଏବଂ ଏହାକୁ ରୋକିବା ସକାଶେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ସେମାନଙ୍କର ପ୍ରତିବଦ୍ଧତା ପ୍ରକଟ କରିଛନ୍ତି । କିନ୍ତୁ କେବଳ ଯେ ମୌଖିକ ପ୍ରତିବଦ୍ଧତା ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ ତାହା ନୁହେଁ । ଯେତେ ପ୍ରତିବଦ୍ଧତା ପ୍ରକଟ କଲେ ସୁଦ୍ଧା ଶିଳ୍ପାୟନର ପ୍ରତିଦ୍ୱନ୍ଦ୍ୱିତା ଜାରି ରହିଛି ଏବଂ ଜଳ ଓ ବାୟୁ ପ୍ରଦୂଷିତ ହୋଇଚାଲିଛି । ମାନବୀୟ କାର୍ଯ୍ୟ ଦ୍ୱାରା ପ୍ରକୃତି ଯେତିକି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଚାଲିଛି ସେତିକି ମାତ୍ରାରେ ତାହାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉନାହିଁ । ଏହି ସତ୍ୟକୁ ଆମକୁ ଗ୍ରହଣ କରିବାକୁ ହେବ । ପ୍ରକୃତି ମଧ୍ୟ ତା'ର ମହାତାଣ୍ଡବ ଅତିବୃଦ୍ଧି, ବନ୍ୟା, ମରୁଡ଼ି ଏବଂ ବନାଗ୍ନି ରୂପରେ ଆମକୁ ଦେଖାଇ ଚାଲିଛି । ସତେ ଯେଭଳି ପ୍ରକୃତି ଓ ମାନବ ସମାଜ ଭିତରେ ଏକ ଅଘୋଷିତ ଯୁଦ୍ଧ ଚାଲିଛି । ଆମେ ପ୍ରକୃତିକୁ ଯେତିକି କ୍ଷତାକ୍ତ କରିଥିଲେ ପ୍ରକୃତି ବର୍ତ୍ତମାନ ଆମ ଉପରେ ସେତିକି ଦାଉ ସାଧି ଚାଲିଛି । ଏହାର ଅନ୍ତ କେଉଁଠି ତାହା କାହାକୁ ଜଣାନାହିଁ । ତେବେ ଚେତନା ଉଦୟର ମୁହୂର୍ତ୍ତରେ ଗତ ହୋଇଯାଉଛି ତାହା ହୃଦୟଙ୍ଗମ କରିବାର ଘଡ଼ି ଉପସ୍ଥିତ । ପ୍ରକୃତି ନିକଟରେ ଜୀବ ଜଗତ ଓ ମାନବ ସମାଜ ତୁଚ୍ଛ । ଏହା ସର୍ବଥା ପ୍ରମାଣିତ ହୋଇଛି । ତେଣୁ ବିକାଶର ସ୍ୱପ୍ନ ଦେଖିବା ପୂର୍ବରୁ ବିନାଶ ପ୍ରତି ସଚେତନ ରହିବାର ବେଳା ଉପସ୍ଥିତ । ଏହାକୁ ହାତଛଡ଼ା କରିଦେଲେ ନେଡ଼ିଗୁଡ଼ କହୁଣିକୁ ବୋହିଯାଇପାରେ ! ଶେଷ ସୁଯୋଗ ହୁଏତ ହାତଛଡ଼ା ହୋଇଯାଇପାରେ । ସେଭଳି ସ୍ଥିତି ଆସିବା ପୂର୍ବରୁ ହାତଛଡ଼ା ହୋଇଯାଇପାରେ । ସେଭଳି ସ୍ଥିତି ଆସିବା ପୂର୍ବରୁ ସଭିଁଏ ନିଜକୁ ସଂଶୋଧିତ କରିନେବା ଜରୁରୀ । ସେଥିରେ ସମସ୍ତଙ୍କର ହିଁ ମଙ୍ଗଳ ।

### କବିତା କୋଣାର୍କ



## ଅଳଙ୍କାର...

**ଭାଗୀରଥି ସାଗର**

ସୃଷ୍ଟିର ଦୁର୍ଲ୍ଲଭ, ସୌଖିନ, ସମ୍ମାନ ବସ୍ତୁ
ତମେ ଅଳଙ୍କାର, ନାରୀ ରୂପ ତମ ପାଇଁ
ହୋଇଯାଏ ଦ୍ୱିଗୁଣା, ତମ ଆକାର,ରଙ୍ଗ
ଭଳିକି ଭଳି, ରାଇଜେ ରାଇଜେ,
ଅଂଚଳେ ଅଞ୍ଚଳେ ଭିନ୍ନ ଭିନ୍ନ
କିସମେ ପାଅ ଆଦର ।
ଲଭିଣ ତମକୁ ରମଣୀ,
ଭାବେ ନିଜକୁ
ରାଜ ଉଆସର ରାଣୀ,
ସଜାଇ ବସେ ତା ବେଣୀ,
ବଦଳାଇ ଦିଏ ତା ଠାଣି ବାଣୀ
ପୁଣି ନିଜସ୍ୱ ଠିକଣା ।
କାବ୍ୟେ ତମକୁ ଥୋଇଲେ
ଶ୍ରବଣ ମିଷ୍ଟାନ୍ନ,
ସ୍ୱାଦିଷ୍ଟ ହୋଇ ମହକି ଯାଏ
ପୁଷ୍ପ ଭଳି ଅଗଣା, ବିଲ, ବନ, ନାଳ
ଆଉ ବିଶ୍ୱକୁ ।
କବି ପରାକାଷ୍ଠା ତମ ପାଇଁ ତ
ବାରି ହୋଇଯାଏ,
ତମ ପାଇଁ କବି,
ପାଠକର ସାଥୀ ପାଲଟେ ।

ହେ ଅଳଙ୍କାର !
ଖୋଲା ବଜାରରେ
ତମ ଦର ଆକାଶ ଛୁଆଁ,
କବ୍ୟେ ତମ ଚାହିଦା
ସର୍ବାଧିକ । ହେଲେ
ବାସ୍ତବରେ ତମେ କୋଟି କୋଟି
ସାରସ୍ୱତ ସାଧକ ଆଉ ଜନତାଙ୍କ
ଶ୍ରେଷ୍ଠା, ଧୁରିଣା, ମର୍ଯ୍ୟାଦାପୂର୍ଣ୍ଣା ମା ।

+ ଡାଳଗୁମା, କୋକସରା, କଳାହାଣ୍ଡି
(ମୋ)୯୩୩୭୬୨୪୮୯୯

# ବିକଶିତ ଓ ବିକାଶଶୀଳ ରାଷ୍ଟ୍ର




ସୁରେନ୍ଦ୍ର ନାଥ ଦାଶ
ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬


It is not wealth only but, happiness and wellbeing of citizen, which most big nations failed to provide, means devlopment । କେଉଁ ଦେଶ ବିକଶିତ ଓ କିଏ ବିକାଶଶୀଳ ତାହା ନେଇ ବିଭିନ୍ନ ସ୍ତରରେ ମତ ପ୍ରାର୍ଥକ ଲାଗି ରହିଛି । ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ଭିନ୍ନ ଭିନ୍ନ ମାପ କାଠିରେ ଏହା ନିରୁପଣ କରିଥାଆନ୍ତି । ଏଥି ପାଇଁ ଅନେକ ଦିଗକୁ ବିଚାରକୁ ନିଆଯାଏ । ଆମ ଦେଶ ପରି ବଡବଡ କୋଠା ଅସତଧନରେ ମୁଲ୍ୟବାନ ଗଣ୍ଡା ଗଣ୍ଡା ବିଦେଶୀ ଗାଡି, ବଡ ବଡ କଳ କାରଖାନା ରହିଲେ ଆମେ ଦେଶକୁ ବିକଶିତ କହି ପାରିବା ନାହିଁ । ଏଥିପାଇଁ Human Development Index (HDI) କୁ ମାପକ ଭାବେ ଗ୍ରହଣ କରାଯାଏ । ଦେଶରେ ଗଣତନ୍ତ୍ର କେତେ ସଶକ୍ତ, ସମାଜର ସ୍ୱାସ୍ଥ୍ୟ ସେବା, ଶିକ୍ଷା,ଗମନା ଗମନ, ସାମାଜିକ ସୁରକ୍ଷା, ବ୍ୟକ୍ତିଗତ ସ୍ୱାଧିନତା, ବ୍ୟକ୍ତିଗତ ଆୟ, ସାମାଜିକ କର୍ତ୍ତବ୍ୟ ବୋଧ, ମାନବିକ ଅଧିକାରର ସୁରକ୍ଷା, ନାରୀ ସୁରକ୍ଷା, ପରିବେଶ ସନ୍ତୁଳନ, ପଡୋଶୀ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ରାଜନୈତିକ ସ୍ଥିରତା, ସବୁକୁ ବିଚାରକୁ ନିଆଯାଏ । ଏଥିପାଇଁ ଶୂନ୍ୟରୁ ୧ ପର୍ଯ୍ୟନ୍ତ ମାପକ ରହିଛି । ଉନ୍ନତ ଦେଶ ମାନଙ୍କର ତାହା ୦.୮ଉପରେ ଥାଏ ।

ଆମେରିକାର ଏଚ ଡି ଆଇ (HDI),୦.୯୨, ବିଶ୍ୱରେ ୧୭ ତମ ସ୍ଥାନରେ ଅଛି । ଭାରତ ର ଏଚଡିଆଇ ମାତ୍ର ୬.୪୫, ବିଶ୍ୱରେ ୧୩୧ ତମ ସ୍ଥାନରେ ଏହା ଅଛି । ଆମ ତଳକୁ କୁଖ୍ୟାତ ବାନାନା ରିପ୍ଲବିକ ଓ ଆଫ୍ରିକାର କେତେକ ଅନାମଧେୟ ଏକଛତ୍ର ଶାସନ ଚାଲିଥିବା ରାଷ୍ଟ୍ର ଅଛନ୍ତି । ଆମର ବିଶାଳ ଦେଶ, ଅସରନ୍ତି ପ୍ରାକୃତିକ ସଂପଦ, ଅତୁଳନୀୟ ମାନବ ସମ୍ବଳ, ଅସଂଖ୍ୟ କଳକାରଖାନା ସତ୍ୱେ ଆମେ ମାନବିକ ବିକାଶରେ ବହୁତ ତଳେ ପଡ ରହିଛେ । ନାଗରିକ ମାନଙ୍କୁ ସୁଖ ଓ ସ୍ୱାଛନ୍ଦ ଦେବାରେ ବିଫଳ ହୋଇଛେ । ଏହା ହିଁ ଆମର ବାସ୍ତବ ପରିଚୟ ।

ଅନେକ ପୃଥିବୀର ଶ୍ରେଷ୍ଠ ଆର୍ଥିକ ଓ ସାମରିକ ଶକ୍ତି ତଥା ବିଶ୍ୱର ଏକମାତ୍ର ମହାଶକ୍ତି ଯୁକ୍ତରାଷ୍ଟ୍ର ଆମେରିକାକୁ ବିକାଶଶୀତ ରାଷ୍ଟ୍ରର ମାନ୍ୟତା ଦେବାକୁ ରାଜି ନୁହଁନ୍ତି । ବିଶାଳ ସଂପତ୍ତି ଥାଇ ମଧ୍ୟ ଆମେରିକା ତାହାର ନାଗରିକଙ୍କୁ ଶ୍ରେଷ୍ଠ ରାଷ୍ଟ୍ରୀୟ ସେବା ଅନ୍ୟ ବିକଶିତ ରାଷ୍ଟ (Other Econmically Developed CountrysOECD)ଙ୍କ ଭଳି ଦେବାରେ ସକ୍ଷମ ହୋଇପାରି ନାହାନ୍ତି, ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ୍ୟ । ବିକାଶର ମାପକାଠିରେ ୧୭ ଟି ମାନ ଜାତିସଂଘ ନିର୍ଦ୍ଧାରଣ କରିଛି । ଆମେରିକା ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅମାପ ଅର୍ଥ ଖର୍ଚ୍ଚ କଲେ ମଧ୍ୟ ଅନ୍ୟ ବିକଶିତ ରାଷ୍ଟ୍ର ଠାରୁ ଏହାର ଡାକ୍ତର ଓ ହସପିଟାଲ ବେଡ ସଂଖ୍ୟା ଯଥେଷ୍ଟ କମ । ସାଧାରଣ ଆମେରିକାନଙ୍କ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଓ ଦୁର୍ମୂଲ୍ୟ । ଅନେକ ସେଥିପାଇଁ ଚିକିତ୍ସା କରିବାକୁ ଚିନ ଓ ଭାରତକୁ ଚାଲିଆସନ୍ତି । ଏହି ସେବା ଅନ୍ୟ ବିକଶିତ ରାଷ୍ଟ୍ରଙ୍କ ଠାରୁ ସାଧାରଣ ଆମେରିକାନପାଇଁ ୨୦ ଓ କୃଷ୍ଣ କାୟ ହିସପାନିୟ ମାନଙ୍କର ୩୬ ଶତକଡା ନିମ୍ନରେ ଅଛି । ଆମେରିକାର ହାରାହାରି ଆୟୁ ୭୮,୮, ଜାପାନର ୮୩.୭(ବିଶ୍ୱର ସର୍ବୋଚ୍ଚ) । ମାତୃ ମୃତ୍ୟୁ ହାର ମଧ୍ୟ ଅଧିକ,୧୫ ବର୍ଷ ଧରି ବିଭିନ୍ନ କାରଣ ରୁ ଏହା ବୃଦ୍ଧି ପାଉଛି । ଶିଶୁ ମୃତ୍ୟୁହାର ମଧ୍ୟ ଅଧିକ । ଅଧିକାଂଶ ଆମେରିକାନ ମେଦଯୁକ୍ତ ,ବିଗିଡିଥିବା ସ୍ୱାସ୍ଥ୍ୟ ସେବାର ଉଦାହରଣ । ଶିକ୍ଷାମଧ୍ୟ ଅତ୍ୟଧିକ ବ୍ୟୟ ବହୁଳ । ଅନ୍ୟ ବିକଶିତ ରାଷ୍ଟ୍ରଙ୍କ ଅପେକ୍ଷା ଶିଶୁ ଡେରିରେ ଶିକ୍ଷା ଆରମ୍ଭ କରନ୍ତି । ଅନ୍ୟ ଦେଶରେ ହାରାହାରି ୧୮ବର୍ଷ ସ୍କୁଲରେ କଟାଉଥିଲା ବେଳେ ଆମେରିକାରେ ୧୫ ବର୍ଷ ଶିକ୍ଷା ଲାଭ କରନ୍ତି । ନାରୀ ମାନେ ଅବହେଳିତା । ମାତ୍ର ୨୦ ଶତକଡା ନାରୀ କଂଗ୍ରେସ ଓ ସିନେଟର ସଭ୍ୟା, ଅନ୍ୟ ବିକଶିତ ରାଷ୍ଟ୍ରର ସେମାନଙ୍କ ଉପସ୍ଥିତି ୪୫ ଶତକଡା ଓ ବିଶ୍ୱର ୨୭ ଶତକଡା ଭାଗ ଅଟେ । ପରିବେଶ ସୁରକ୍ଷା ପାଇଁ ଆମେରିକାର ଦାନ ବହୁତ କମ, ଅସଂଖ୍ୟ ଗାଡି, ପରମାଣୁ ଅସ୍ତ୍ର ପରୀକ୍ଷା, ଯୋଗୁ ପରିବେଶ ଉପରେକୁ ପ୍ରଭାବ ପଡୁଛି । ଅନ୍ୟ ବିକଶିତ ରାଷ୍ଟ୍ର ଅପେକ୍ଷ । କମ Renewable Energy ବିନିଯୋଗ ଆମେରିକାରେ ହୁଏ । ଅନ୍ୟ ରାଷ୍ଟ୍ରର ସାର୍ବଭୌମତାକୁ ବେଖାତିର, ପୃଥିବୀରେ ଯୁଦ୍ଧ ଉତ୍ତେଜନା ସୃଷ୍ଟି କରିବା, କୃଷ୍ଣ କାୟଙ୍କ ଉପରେ ଅତ୍ୟାଚାର, ବ୍ୟାପକ ନିଶା ସେବନ, ସମାଜରେ ହିଂସାକାଣ୍ଡ (Gun culture), ପାରିବାରିକ ବିଶୃଙ୍ଖଳା ଯୋଗୁ ଆମେରିକାର ବିକାଶ ମାପ କମିଯାଇଛି ।

> କେଉଁ ଦେଶ ବିକଶିତ ଓ କିଏ ବିକାଶଶୀଳ ତାହା ନେଇ ବିଭିନ୍ନ ସ୍ତରରେ ମତ ପ୍ରାର୍ଥକ ଲାଗି ରହିଛି । ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥା ଭିନ୍ନ ଭିନ୍ନ ମାପ କାଠିରେ ଏହା ନିରୁପଣ କରିଥାଆନ୍ତି । ଏଥି ପାଇଁ ଅନେକ ଦିଗକୁ ବିଚାରକୁ ନିଆଯାଏ । ଆମ ଦେଶ ପରି ବଡବଡ କୋଠା ଅସତଧନରେ ମୁଲ୍ୟବାନ ଗଣ୍ଡା ଗଣ୍ଡା ବିଦେଶୀ ଗାଡି, ବଡ ବଡ କଳ କାରଖାନା ରହିଲେ ଆମେ ଦେଶକୁ ବିକଶିତ କହି ପାରିବା ନାହିଁ । ଏଥିପାଇଁ Human Development Index (HDI) କୁ ମାପକ ଭାବେ ଗ୍ରହଣ କରାଯାଏ ।

ଯେଉଁ ଦେଶ ମାନେ ବିଶ୍ୱରେ ପ୍ରଥମ ୧୦ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ପାଇଛନ୍ତି, ଜାଣିଲେ ଆଶ୍ଚର୍ଯ୍ୟ ହେବେ । ଏହି ୧୦ ରେ ଆମେରିକା, ଋଷିଆ,ବ୍ରିଟେନ, ଚିନ ସ୍ଥାନ ପାଇ ନାହାନ୍ତି । ବିଶ୍ୱର ପ୍ରଥମ ବିକଶିତ ରାଷ୍ଟ୍ରରୂପେ କ୍ଷୁଦ୍ର ତଥା ନିଶିଥ ସୂର୍ଯ୍ୟର ଦେଶ ନରୱେ ସ୍ଥାନ ପାଇଛି । ଏହା ଏକ କ୍ଷୁଦ୍ର ଦେଶ, ଉତ୍ତର ମେରୁରେ ରହିଛି । ଲୋକ ସଂଖ୍ୟା ମାତ୍ର ୫ ମିଲିଅନ । ମାନବିକ ବିକାଶ ସୂଚି.୯୫୪ । ବିଶ୍ୱର ସବୁଠାରୁ ଅଧିକ ପ୍ରାକୃତିକ ଗ୍ୟାସ ଏ ଦେଶ ରେ ମିଳେ । ହାରାହାରି ପରମାୟୁ ୮୨.୩ ବର୍ଷ । ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା, ସେବାପ୍ରଦାନରେ ବିଶ୍ୱରେ ସର୍ବୋତ୍ତମ । ବିକାଶ ସୁଚୀରେ ଦ୍ୱିତୀୟରେ ରହିଛି ସୁଇଜର ଲ୍ୟାଣ୍ଡ, ଯେଉଁ ଦେଶରେ ଅସଂଖ୍ୟ ଆର୍ନ୍ତଜାତିକ ଅନୁଷ୍ଠାନ ରହିଛି, ଏହାର ବିକାଶ ମାପକ.୯୪୬ । ବିକାଶର ତୃତୀୟ ସ୍ଥାନରେ ଅଛି ଅନ୍ୟ ଏକ କ୍ଷୁଦ୍ର ଦେଶ ଆୟାରଲ୍ୟାଣ୍ଡ, ବିକାଶ ସୂଚନାଙ୍କ ୯୩୬ ଓ ହାରାହାରି ଆୟୁ୮୩.୬ । ଚତୁର୍ଥ ସ୍ଥାନରେ ଅଛି ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଧ୍ୱଂସ ହୋଇଥିବା ଜର୍ମାନୀ । ଏହାର ଶିଳ୍ପ ଅତ୍ୟନ୍ତ ଉନ୍ନତ । ବିକାଶ ମାପକ ୦.୯୩୬ । ଦ୍ୱିତୀୟ ମହା ଯୁଦ୍ଧରେ ପରମାଣୁ ଆକ୍ରମଣର ଶୀକାର ହୋଇଥିବା ଜାପାନ ମଧ୍ୟ ନିଜ ଅଧ୍ୟବ୍ୟବସାୟ ବଳରେ ବିକଶିତ ରାଷ୍ଟ୍ରର ମର୍ଯ୍ୟାଦା ପାଇଛି (.୯୩୯) । ଏହାର ହାରାହାରୀ ଆୟୁ ବିଶ୍ୱର ସର୍ବୋଚ୍ଚ ଅଟେ । (୮୩.୯) । ଏହା ବିଶ୍ୱର ତୃତୀୟ ଆର୍ଥୀକ ମହାଶକ୍ତି ।

ହଙ୍କଂ: ଏହାର ବିକାଶାଙ୍କ .୯୩୯ । ଜର୍ମାନ ସହ ସମାନ । ମୂଳ ଚାନର ଅର୍ନ୍ତଗତ ହେଲେ ମଧ୍ୟ ଏହି ଛୋଟ ଦ୍ୱୀପରେ ଗଣତନ୍ତ୍ର ଓ ପୁଞ୍ଜିବାଦ ଶାସନ ଚାଲେ । ହାରାହାରୀ ଆୟୁ୮୪.୭ । ମୁକ୍ତ ଅର୍ଥନୀତି, କମ ଟ୍ୟାକ୍ସ, ନିମ୍ନ ସରକାରୀ ହସ୍ତକ୍ଷେପ ଯୋଗୁ ଏହା ବିଶ୍ୱର ଶ୍ରେଷ୍ଠ ଅର୍ଥନୈତିକ କେନ୍ଦ୍ର ହୋଇ ପାରିଛି ।

ଅଷ୍ଟ୍ରେଲିଆ: ସୂଚୀ ୦.୯୩୮ ,ଆୟୁ ୮୩.୩ । ଆଇସ ଲ୍ୟାଣ୍ଡ: ସୂଚୀ ୦.୯୩୮ ,ବିଶ୍ୱର ସବୁଠାରୁ ଶାନ୍ତି ପୂର୍ଣ୍ଣ ଓ ନିରାପଦ ଦେଶର ମାନ୍ୟତା ମିଳିଛି । ସ୍ୱେଡେନ: ନରୱେର ପଡୋଶୀ ରାଷ୍ଟ୍ର ସୂଚୀ ୦.୯୩୭,ଆୟୁ ୮୨.୭ ବର୍ଷ ।

ସିଙ୍ଗାପୁର: ସୂଚୀ ୦.୯୩୮, ଆୟୁ ୮୩.୫ ବର୍ଷ, ନେଦର ଲ୍ୟାଣ୍ଡ ବା ହଲାଣ୍ଡ: ସୂଚୀ ୦.୯୩୩ ,ଆୟୁ ୮୨.୧ ବର୍ଷ ।

ଏହି ସବୁ ଦେଶ ଗୁଡିକ କ୍ଷୁଦ୍ର, ଉତ୍କୃଷ୍ଟ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା,ଶାନ୍ତ ପରିବେଶ, ସରକାରୀ ହସ୍ତେକ୍ଷପ ନାହିଁ,ମୁକ୍ତ ଅର୍ଥନୀତି, ଉଚ୍ଚ ଆର୍ଥିକ ଆୟ , ସାମାଜିକ ବୈଷମ୍ୟ କମ, ଆର୍ଥିକ ତାରତ୍ୟମ ସର୍ବନିମ୍ନ, ସମସ୍ତଙ୍କୁ ନିଯୁକ୍ତି, ଶିଳ୍ପ ଅପେକ୍ଷା ସେବା କ୍ଷେତ୍ରର ବିକାଶ,ଏମାନେ କୌଣସି ଯୁଦ୍ଧରେ ସଂପୃକ୍ତ ହୋଇ ନାହାନ୍ତି । ଏମାନଙ୍କୁ ବିକାଶ ସୂଚୀରେ ଉଚ୍ଚ ସ୍ଥାନ ମିଳିଛି ।

ଭାରତ ଏହି ପାହାଚରେ ଯଥେଷ୍ଟ ତଳେ । ନିକଟରେ ବିକଶିତ ହେବାର ଆଶା ମଧ୍ୟ ନାହିଁ । ଏହାର ଦୁର୍ନିତି ପୂର୍ଣ୍ଣ ଅମଲାତନ୍ତ୍ର, ସମ୍ବେଦନ ହୀନ ଶାସନ, ହାଜତ ମୃତ୍ୟୁ, ଫଲସ ଏନକାଉଣ୍ଟର, ନିର୍ବାଚନରେ ଅର୍ଥବଳ ପ୍ରୟୋଗ, ସାମାଜିକ ନ୍ୟାୟର ବିରଳତା, ଧାର୍ମିକ ଅସହିଷ୍ଣୁତା, ଲୋକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା,ଶିକ୍ଷା, ପାନୀୟ ଜଳ, ସୁଷମ ଖାଦ୍ୟର ସଙ୍କଟ, ଆର୍ଥିକ ବୈଷମ୍ୟତା, ନାରୀ ନିର୍ଯ୍ୟାତନା, ଲିଙ୍ଗଗତ ଭେଦଭାବ, ମାନବ ଅଧିକାର ଉଲଂଘନ ଯୋଗୁ ଏହା ନିମ୍ନ ପାହାଚରେ ରହିଛି । ବିଶାଳ ଦେଶ ହେଲେ ମଧ୍ୟ ଅଲମ୍ପିକ ଗେମ ଆମ ମାଟି ରେ କରିବାର ସୁଯୋଗ ପାଇନାହିଁ । ବିକାଶର ଏହି ନୂଆ ଅର୍ଥକୁ ଆମ ଦେଶ କେତେ ଆପଣାଇ ନେବ ତାହା ଭବିଷ୍ୟତ ହିଁ କହିବ ।

# ସଂକ୍ଷିପ୍ତ ରାମାୟଣ


ଶଙ୍କର ଚରଣ ରାଉତ


**ଭାଗ-୨୧**

**(ପୂର୍ବ ପ୍ରକାଶିତ ଉତ୍ତାରୁ)**



> ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ । ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ । ଭାଗବତଗୀତାରେ ପତ୍ର ମାଧମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି । ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି । ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା ।
> ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ । ଯାହାକି ତତ୍କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା । ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି ।

ତୁମ ମୋର ପ୍ରିୟ ମିତ୍ର ସୁଗ୍ରୀବର ବଡ଼ ଭାଇ ହେତୁ ସଦ୍‌ଗତି ପ୍ରାପ୍ତ ହେଲୁ । ଅଙ୍ଗଦ ଦ୍ୱାପରରେ ବ୍ୟାଧ ହୋଇ ମୋତେ ଶର ବିଦ୍ଧ କରିବ । ଅଙ୍ଗଦ ଆସିବାରୁ ତାର ହାତ ଧରାଇ ବାଳୀ ତାକୁ ରାମଙ୍କୁ ସମର୍ପି ଦେଲା । ଏହା କହି ରାମଙ୍କ ଦର୍ଶନ କରୁ କରୁ ସେ ଆଜି ବୁଜି ଦେଲା । ରାମ ସୁଗ୍ରୀବକୁ କିଷ୍କିନ୍ଧାର ରାଜା କରାଇ ପ୍ରବର୍ଷଣ ପର୍ବତ ଅଭିମୁଖେ ଚାଲିଗଲେ ।

**ହନୁମାନର ଜନ୍ମ (ବାଳୀ ବଧ)**

ହନୁମାନରର ପିତାଙ୍କ ନାମ କେଶରରୀ ଓ ମାତାଙ୍କ ନାମ ଅଞ୍ଜନା । ଗର୍ଭର ୧୨ ବର୍ଷପରେ ଏହି ପିଲାରର ଜନ୍ମ ହେଲା ଏବଂ ସେ ସଙ୍ଗେ ସଙ୍ଗେ ମା'ଙ୍କୁ ଖାଇବାକୁ ମାଗିଲା । ଏହି ବେଳେ ପୂର୍ବ ଦିଗରୁ ସୂର୍ଯ୍ୟ ଉଦୟ ହେଉଥିଲେ । ହନୁମାନ ଝପଟି ଯାଇ ତାଙ୍କୁ ଗିରି ଦେବାର ପୃଥିବୀ ଅନ୍ଧକାରରେ ପୂର୍ଣ୍ଣ ହୋଇଗଲା । ବ୍ରହ୍ମା ଆସି ତାଙ୍କୁ ଚିରଞ୍ଜିବୀ ବରର ଦେଇ ତାରର ନାମ ହନୁ ଦେଲେ । ଏହାପରେ ହନୁମାନ ପାଟି ମେଲା କରିବାରୁ ସୂର୍ଯ୍ୟ ତାର ଗର୍ଭରୁ ବାହାର ହେବାରୁ ସମସ୍ତ ପୃଥିବୀ ଆଲୋକିତ ହେଲା । ସୂର୍ଯ୍ୟ ହନୁକୁ ତାର ରଥରେ ଆଗରେ ବସାଇ ତାକୁ ବିଦ୍ୟା ଶିକ୍ଷା ଦେଲେ ଏବଂ ବ୍ରହ୍ମା କହିଲେ ତୁମେ ବର୍ତ୍ତମାନ ଶ୍ରୀରାମକୁ ଭୁଲି ଯିବ ଏବଂ ଋଷ୍ୟଶୃଙ୍ଗ (ଚିତ୍ରକୂଟ) ପର୍ବତ ନିକଟରେ ରାମଙ୍କୁ ଦେଖି ତୁମର ବିରତ୍ୱ ମନେ ପଡ଼ିବ । ତେଣୁ ରାମଙ୍କୁ ଦେଖିବା ପରେ ହନୁମାନ ତାଙ୍କୁ ଚିହ୍ନିଲା । କିଷ୍କିନ୍ଦାର ରାଜପ୍ରସାଦଠାରୁ କିଛି ଦୂରରେ ମୁନୀ ଋଷିମାନଙ୍କରର ଗୋଟିଏ ଆଶ୍ରମ ଥିଲା । ସେଇ ଆଶ୍ରମ ଉପରେ ଲଙ୍କାର ରାଜା ରାବଣ ସେଠାରେ ଥିବା ଋଷିମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରିବାରୁ ସେମାନେ ରାବଣର ବିନାଶ ପାଇଁ ସେମାନଙ୍କ ଶରୀରରୁ ରକ୍ତ ବାହାର କରି ଗୋଟିଏ ଝୁଲାରେ ବାନ୍ଧି ଝୁଲାଇ ଦେଲେ ଏବଂ କହିଲେ ଏ ରକ୍ତକୁ ଯେଉଁ ସ୍ତ୍ରୀ ପିଇବ ତା ଠାରୁ ଜନ୍ମ ହେବା ସନ୍ତାନ ଦ୍ୱାରା ରାରବଣର ମୃତ୍ୟୁ ହେବ ।

(କ୍ରମଶଃ)

+ ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

# ଓଡ଼ିଶାକୁ ଗୋଆରେ ପରିବର୍ତ୍ତନ କରିବା ପାଇଁ ସରକାରଙ୍କ ଇଚ୍ଛା


ସୁବ୍ରତ କର




ହଠାତ୍ ସରକାରଙ୍କ ମୁଣ୍ଡରେ ଏପରି ଚିନ୍ତାଧାରା ଆସିଲା କେଉଁଠି ? ମାନିବାକୁ ପଡ଼ିବ ଯାହାର ମସ୍ତିଷ୍କରୁ ଏହା ବାହାରିଛି ମସ୍ତିଷ୍କଟି ଅତି ଉର୍ବର । କାରଣ ଆମ ରାଜ୍ୟ ଏବଂ ଗୋଆ ରାଜ୍ୟ ସବୁଆଡ଼େ ଭିନ୍ନ ଏବଂ ଅଲଗା । ଇତିହାସ ହେଉ ବା ଭୂଗୋଳ ସବୁଥିରେ ଅଲଗା । ଆମ ରାଜ୍ୟର ସଂସ୍କୃତି, ସାମାଜିକ ସ୍ଥିତି ସବୁ ଭିନ୍ନ । ହଁ, ଠିକ କଥା ପର୍ଯ୍ୟଟନ କଥା ଆସିଲେ, ଟୁରିଷ୍ଟ କଥା ଆସିଲେ କିଛିଟା ସାମଂଜସ୍ୟ ରହିଛି । ଏ କଥା ଠିକ୍, ଗୋଆ ସମୁଦ୍ର କୂଳ ଏକ ରାଜ୍ୟ ଓଡ଼ିଶା ଭଳି । ଗୋଆରେ ବେଶ କିଛି ବିଚ୍ (୮-୧୦ଟା) ଅଛି । ଯାହାକି ଦେଶି, ବିଦେଶୀ ଲୋକଙ୍କୁ ଆକୃଷ୍ଟ କରେ ଏବଂ ସମସ୍ତଙ୍କର ପ୍ରଥମ ଚଏସ ଗୋଆ । ଅଜ୍ୟୁନା, କୋଲନଗୋଟା ବିଚ୍ ଅତିବ ସୁନ୍ଦର ଏବଂ ସେ ସବୁ ବିଚ୍‌ରେ ସବୁକିଛି ଖୋଲମ ଖୁଲା । ଏପରିକି ଗୋଟାଏ ଦୁଇଟି ବିଚରେ ବାହାରୁ ବାହାର ଲୋକଙ୍କ (ବିଦେଶୀମାନଙ୍କ) ଲଙ୍ଗଳା କୋଲନି ଅଛି । ସମେସ୍ତ ଆରାମରେ ଲଙ୍ଗଳା ହୋଇ (ନ୍ୟୁଡ କୋଲନି) ଘୁରି ବୁଲନ୍ତି ଏବଂ ଆରାମରେ ରହନ୍ତି ବିନା ଦ୍ୱିଧାରେ । ଆମେ ଶୁଣିଚୁ ଏପରି ନ୍ୟୁଡ କଲୋନି ଆମେରିକାରେ ବହୁତ ଅଛି ଏବଂ ଏହା ସହିତ ସେମାନଙ୍କର ମୂଳ ଆହାର ମଦଦ । ବିନା ମଦରେ ଚଳି ପାରନ୍ତି ନାହିଁ । ଆମ ସରକାର ଗୋଆର ଏହି ସବୁ ବିଚ୍‌ମାନଙ୍କୁ ଆଖି ଆଗରେ ରଖି ଆମ ରାଜ୍ୟରେ ୫-୬ଟି ବିଚରେ ମଦ ଦୋକାନ କରିବା ପାଇ ସ୍ଥିର କରିଛନ୍ତି ଏବଂ ଏହା ମାଧ୍ୟମରେ ଟୁରିଷ୍ଟ ଦେଶି ହେଉ ବିଦେଶୀ ମାନଙ୍କୁ ଆକର୍ଷିତ କରିବା ଏବଂ ସରକାରଙ୍କ ରୋଜଗାର ବଢ଼ାଇବା । ମୁଁ ଜାଣିପାରୁ ନାହିଁ ଏହା କେତେଦୂର ସମ୍ଭବ ? ଆମ ସଂସ୍କୃତି ଜଗନ୍ନାଥ ସଂସ୍କୃତି, ଇତିହାସ ସମ୍ପୂର୍ଣ୍ଣ ଭିନ୍ନ, ଚିନ୍ତାଧାରା ସେଠିକାର ଲୋକଙ୍କ ସହିତ ମିଶିବାର ପ୍ରଶ୍ନ ଉଠୁ ନାହିଁ । ତଥାପି ତାଳଶାରୀ, ଚାନ୍ଦିପୁର, ପାରଦୀପ, ପୁରୀ ଏବଂ ଗୋପାଳପୁରଠାରେ୨୦-୨୫ଟି ମଦ ଦୋକାନ ଖୋଲି ଲୋକଙ୍କୁ ଆକୃଷ୍ଟ କରିବେ । ସବୁଠୁ ଦୁଃଖର କଥା ହେଲା ଏହା ଅ.ଟି.ଡି.ସି ଦ୍ୱାରା ପରିଚାଳିତ ହେବ ଏବଂ ଏହି ସଂସ୍ଥାର ଅଧ୍ୟକ୍ଷ ହେଉଛନ୍ତି ଜଣେ ମହିଳା । ସେ କେମିତି ଏହାକୁ ବରଦାସ୍ତ କରି ଏହି ଚିନ୍ତାଧାରାକୁ ଆଗକୁ ନେବାକୁ ବାହାରିଛନ୍ତି ଆମକୁ ଆଶ୍ଚର୍ଯ୍ୟ ଲାଗୁଛି ? ଏବଂ ଏହାକୁ ସରକାର ମାନି ନେବାକୁ ରାଜି । କିନ୍ତୁ ଆମେ କଣ ଏହାକୁ ମାନି ନେବା । ବୋଧହୁଏ ନା । ହେଲେ ପୁଣି ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ଏବଂ ସମାଧାନ ପାଇଁ ପୁଲିସର ଦରକାର ହେବ । ଏହି ଯୋଜନାକୁ ସରକାର ଭୁଲିଯିବା ଦରକାର ଏବଂ ଆମ ରାଜ୍ୟ ଗୋଆ ନ ହେବା ଦରକାର ।

### କବିତା କୋଣାର୍କ

## ପାନ୍ଥଶାଳା

**ଅମରନାଥ ବାରିକ୍**

ନାହିଁ ମୋ ଠିକଣା ପରିଚୟ କିଛି
ଜୀବନ ଭୂମିର ବେଳା
ଯାହାକୁ ପଚାର କହିଦେବ ସିଏ
ନାମ ମୋର ପାନ୍ଥଶାଳା ।
ପାନ୍ଥଶାଳା ସିନା ଦିଏ ତୃପ୍ତି ଭରି
ବାଟୋଇ ମନକୁ ଜାଣି
କୁଝନ୍ତିନି କେହି ପିପାସୁ ପ୍ରାଣ ମୋ
ମିଳେ ନାହିଁ ଟୋପେ ପାଣି ।
ପଡ଼ି ରହିଥାଏ ପଥ ପାରୁଶରେ
ଭଙ୍ଗା ମନଟାକୁ ନେଇ
ଅତିଥି ମାନଙ୍କୁ ଆପଣେଇ ନିଏ
ନିଜ ପ୍ରେମ ପ୍ରୀତି ଦେଇ ।
ଜାତି ଭେଦ ଭ୍ରା ବୁଝେ ନାହିଁ କିଛି
ମତୁଆଲା କରେ ମନ
ଦ୍ୱିପ୍ରହର ଅବା ପାହାନ୍ତି ସକାଳ
ନାହିଁ ରାତି ନାହିଁ ଦିନ ।
ମନ ମୋ ପିଆସି ସଭିଙ୍କର ଦାସୀ
ପିଆଲା ପରଶ ଫେଣା
ଖୋଜି ଖୋଜି ଆସି କରନ୍ତି ପ୍ରବେଶ
ପଥ ହରା ବାଟ ବଣା ।
ମେଣ୍ଟାଇବି ଶୋଷ ଜୀବନେ ଯାତନା
ଥାଉ ପଛେ ଯେତେ ମୋର
କିଛି ସମୟର ବ୍ୟବଧାନ ପରେ
ମିଳିବନି ଦେଖା ତୋର ।
ତୁ ମୋର ଜୀବନେ ପାନ୍ଥଶାଳା ମଧୁ
ମୁଁ ତୋର ଲଳିତ ଗିରି
ପ୍ରେମ ନଗରୀରେ ମାୟାବିନୀ ହୋଇ
ଯିବି ତତେ ପାନ କରି ।
ଏ ଆଳାପ କରି ଶୟନ କରନ୍ତି
ପାନ୍ଥଶାଳା ଭାବି ମତେ
ଦରଦୀ ବନ୍ଧୁର ଦୁଃଖ ଦୂର କରେ
ଦରଦରେ ଦେହ ତାତେ ।
ଦୋହଲା କମ୍ପନ ଥର ହର କରେ
ଉଚ୍ଛୁଳା ଯୌବନ ଭରେ
ଛାତି ଥରା ଶବ୍ଦ କଅଁଳ ସ୍ୱରରେ
କରୁଣ ଚିତ୍କାର କରେ ।
ଥାଏମୋ ଦେହରେ ନଖଚିହ୍ନ କେତେ
ଲୋହିତ ଚିତ୍ର ବିଚିତ୍ର
କରମ ଆଦରି ବକ୍ଷଜକୁ ଭରି
ହୁଏ ମୁଁ ସଭିଙ୍କ ମିତ୍ର ।
ଛାଇ ଆଲୁଅର ଲୁଚକାଳି ଖେଳ
ଖେଳନ୍ତି ମୋ ସହ କେତେ
ନିରବରେ ସେଠି ପଡ଼ି ରହିଥାଏ
ଯାତନା ମୋ ଦେହେ ବିତେ ।

+ଯାଜପୁର, ମଙ୍ଗଳପୁର, କୟାଁ
ଓଡ଼ିଶା-୭୫୫୦୧୧
ମୋ:୯୫୪୦୩୦୮୦୯୫

## ମାୟାବିନୀ

**ସୁଶୀଲ୍ କୁମାର ଭୋଇ**

ମୁଁ ଥିଲି ଗୋଟେ ଉଡ଼ନ୍ତା ବିହଙ୍ଗ
ଉଡ଼ି ବୁଲୁଥିଲି ନୀଳ ଆକାଶର
ଧୂଆଁ ମୟ ଭଷା ବଉଦ ତଳେ ,
ପୁଣି କେବେ ଆସି ଲୋଟି ଯାଉଥିଲି
ଗହନ ବନର ତରୁ, ଲତା, ବୃକ୍ଷ
ଘାସ ଗାଲିଚା ମୂଳେ .....।
କେବେ ପୁଣି ଉଡ଼ି ବୁଲୁ ଥିଲି ମୁହିଁ
ସାଗର କୂଳ,ମରୁ ଉଦ୍ୟାନର
ପାହାଡ଼,ପର୍ବତ, ଝରଣା ପାରେ,
କାଟୁ ଥିଲି ଦିନ ପରେ ଦିନ
ସାଙ୍ଗ ସାଥି ସବୁ ଆତ୍ମୀୟ ମେଳେ.....।
ଖେଳୁ ଥିଲି ଖେଳ ଭଳିକି ଭଳି
ଖରା -ବର୍ଷା, ଶୀତ-କାକର ଧରି
ଖାଉଥିଲି ବନ ଫଳ-ଫୁଲ ଭରି
କେତେ ଆନନ୍ଦରେ ଉଡ଼ି-ବୁଲି
ସରଗର ସୁଖ ପାଉଥିଲି ସତେ
ମୋ ରାଇଜରେ
ବସା ବାନ୍ଧି କରି......।
କାହୁଁ ଆସିଲୁ ତୁ' ହୋଇ ଶିକାରୀ,
ମିଛ-ମାୟା ଜାଲେ ଫାସାଇଲୁ ମତେ
ଜାଣି ପାରିଲିନି ଛଳନା ତୋହରି ,,,,
ବନ୍ଧି କରି ମତେ ନେଲୁ,
ସୁନା ପଞ୍ଜୁରିର ଲକ୍ଷ୍ମଣ ରେଖାରେ
ଦୋଷୀ ପରି ଦଣ୍ଡ ଦେଲୁ .....।
ରୁପା ଥାଳିଆରେ ଭାତ ଦେଲୁ ସିନା
ହେଲେ କି ବୁଝିଲୁ ମନ !!
ତୁ ତ' ଗୋଟେ ଶିକାରୀ ସାଜିଲୁ
ଶିକାର କଲୁ' ତୁ ଛଳନା କରି
ସ୍ୱାର୍ଥ ଦୁନିଆଁର ସ୍ୱାର୍ଥି ତୁ' ହୋଇଲୁ
ନୁହେଁ ତୁ ପରା ମିତ ମୋହରି .....।
ତୁ' କିବା ବୁଝିବୁ ମୋ' ମନ ବେଦନା
ହୃଦୟ ଚକ୍ଷୁରେ ଅନିଶା କରି
ତୋ ସୁନା ମୁକୁଟ ତୋ' ପାଖେ ରଖିଥା
ଦରକାର ନାହିଁ ସେ ସୁଖ ମୋରି ,,,
ତୋର ସେଇ ମିଛ ପ୍ରେମ, ଅପମାନ
ସବୁ ମୋ ପାଇଁ ଅଲୋଡ଼ା ତୁଚ୍ଛ
ତୁ ଗୋଟେ ଶିକାରୀ
ସ୍ନେହ କାହୁଁ ତୋରି !
ହିଂସା ଛଳନାରେ ସଦା
ତୋ' ହୃଦୟ ଭାରି ..... ।
ତୁ' ତ' ଗୋଟେ ଶିକାରୀ
କେମିତି ବୁଝିବୁ ଶିକାରର ପ୍ରାଣ
ଜୀବନଟା କେତେ ଅମୂଲ୍ୟ-ବାରି ,,,
ତୋର ମାୟାଜାଲ ପ୍ରତାରଣା ଖିଅ
ଜୀବନକୁ ଦେଲା ବେହାଲ କରି ...।
ମାୟାବିନୀ ତୁ ବେଇମାନି ତୁ
ମିଛ ମାୟା ତୋର ପ୍ରୀତି
ସେଇ ମାୟାଜାଲେ ଦିନେ ତୁ ପଡ଼ିବୁ
ସରିଯିବ ତୋର ଗତି ..... ।

+ଭୁବନେଶ୍ୱର-୨

## ରତ୍ନାକର ରାଉତ



### ॥ କୁହ ଆସିବକି ନାହିଁ ॥

ଅଳସୀ ଏ ରାତି
ଯାଏ ନାହିଁ ବିତି
ତୁମେ ନାହଁ ସାଥି
ମନେ ଆସେ ଭୀତି
ବାଉଳା କରୁଛି ପୁନେଇର ଜହ୍ନ
ମନରେ ଜାଗଇ ଅସରା ସପନ
ଦୂର ପ୍ରବାସରେ ଥାଇ
କାହିଁକି ଜଳାଅ ନିତି
କୁହ ଆସିବକି' ନାହିଁ...

ମୁକୁଳା ମୋ ମନ
ମୁକୁଳା ଶରୀର
ଦୁଆର ରଖିଛି ଖୋଲା
ନିଶିର ନିଶାରେ ମଗନ ମୁଁ ଆଜି
ଜୋଛନା ପରଶେ ଯାଇଅଛି ଭିଜି
ଆଖିକୁ ଆସୁନି ନିଦ

ପଲକ ପଡୁନି
ତୁମ ଆସିବା ପଥକୁ ଚାହିଁ
କୁହ ଆସିବ କି' ନାହିଁ...

ଅସରା ଏ ରାତି ଯାଉନାହିଁ ବିତି
ମନରେ ଆଶଙ୍କା ଭରେ
ଯେଉଁ ନୀଳକଇଁ ରଖିଛି ସାଇତି
ମୋ ମନର ସରସୀରେ
ସିଏ ଆଉ କେହି ନୁହେଁ
ତୁମେ ତୁମେ ତୁମେ ତୁମେ
ଆଶଙ୍କା ଜାଗଇ ମନେ ବେଳେବେଳେ
ଯିଏ ମୋ ନିଜର
ତାକୁ ଆଉ କିଏ

ସରାଗେ ଆଦରୁ ନାହିଁତ ତା କୋଳେ
ନିଇତି ମରୁଛି ନିଇତି ଜୀଉଁଛି
କେବଳ ତୁମରି ପାଇଁ
ତୁମେ ଜାଣୁଛ କି' ନାହିଁ
ତୁମ ପଥ ଚାହିଁ ଚାହିଁ
କୁହ ଆସିବକି' ନାହିଁ ।

ଭିତରେ ବାହାରେ ଜାଳୁଅଛି ନିଆଁ
ଦକ୍ଷିଣୀ ପବନ ଛୁଆଁ
ମନ ଗମ୍ଭିରୀରେ ପ୍ରୀତିର ବିହୁଡି ଜଳେ
ତୁମ ପାଇଁ ମୁଁ ନିତି ଝୁରି ଝୁରି ମରେ
ଅଲୋଡ଼ା ଜୀବନ ତୁମ ବିନା ଏଠି
ନିନ୍ଦା ଅପବାଦ ଚାହି ଟାପରାକୁ
ଆଉ ପାରୁନି ମୁଁ ସହି
କୁହ ଆସିବକି' ନାହିଁ...
ଦୁଆର ମୁକୁଳା ରଖି ରାତି ସାରା
ବସିଛି ମୁଁ ଏକାଏକା
ତୁମ ଫେରିବା ବାଟକୁ ଚାହିଁ
କୁହ ଆସିବକି' ନାହିଁ
କୁହ ଆସବକି' ନାହିଁ ।

+ (ମୋ)୯୪୩୭୭୩୮୨୨୮୧

## ଶରତ କୁମାର ଦାସ



### ଛଦ୍ମବେଶୀ ଈଶ୍ୱର

ଖୁବ୍ ସତର୍କରେ ରହିବାକୁ ହେବ ଏବେ
ମିଛ ଈଶ୍ୱରମାନେ ଭ୍ରମୁଛନ୍ତି ଚତୁର୍ଦ୍ଦିଗ
ଉତ୍ତର ମେରୁରୁ ଦକ୍ଷିଣମେରୁ ପର୍ଯ୍ୟନ୍ତ,
ସତ ଈଶ୍ୱରଙ୍କୁ ଖୋଜାଚାଲିଛି
ଆଲୋକିତ ଅନ୍ଧକାରେ ।

ପୃଥିବୀ ଲମ୍ବି ଲମ୍ବି ଯାଉଛି ଆଉ କିଛି ବାଟ
ସମୁଦ୍ର ଶୁଖିଶୁଖି ଯାଉଛି ନିଶାର୍ଦ୍ଧରେ,
ଆଉ ଶୋଷ ବଢିବଢି ଚାଲିଛି
ଲହଡି ଫାଙ୍କରେ ।

ପବନ ଶୋଇଛି ଅଜଗର ସାପ ପରି
ଖରାକୁ ପିଠି କରି ଦୂର ଦିଗନ୍ତରେ
ନିଆଁ ଜଳୁଛି ଜଙ୍ଗଲର ପ୍ରଶସ୍ତ ଛାତିରେ
ଚିତପଟାଙ୍ଗ ପଶୁପକ୍ଷୀ / କୀଟପତଙ୍ଗ ଯେତେ।
ମୁଖାପିନ୍ଧା ମଣିଷଙ୍କର ରୋଷଣି ଚାଲିଛି

ପକ୍ଷୀଶାବକଟି ନୀରବରେ ଲୁହ ଢାଳୁଛି
ପତ୍ର ବିହୀନ ଗଛଡାଳେ ଏକାଏକା ବସି
ବେସାହାରା ହୋଇ କାହିଁ କୋଉ ଦିନୁ ।
ବାଘ ବାଟ ଜଗିଛି ଠିକ୍ ଘାଟ ମୁଣ୍ଡରେ
ହେଇ ଦେଖ, ଛାଗ ବି ଡରିବାରେ ନୁହେଁ
ଲମ୍ଫପ୍ରଦାନ କରୁଛି ନିର୍ବିକାର ଚିତ୍ତରେ
ଘମାଘୋଟ ଯୁଦ୍ଧ, ଲହୁ ଲୁହାଣ
ଦୁହିଁଙ୍କ ମଧ୍ୟରେ ।

ମରୁଭୂମିରେ ମରୀଚିକା ଭ୍ରମ ସୃଷ୍ଟି କଲାଭଳି
ଏମାନେ ସବୁବେଳେ ଏମିତି ଏହିପରି
କେତେବେଳେ ବାଘ ପିଠିରେ ଛାଗ
ଆଉ କେତେବେଳେ ଛାଗ ଉପରେ ବାଘ
ସକାଳରୁ ସଂଜ ଚାଲିଥାଏ କେତେ କ'ଣ

ହାର୍ ଜିତ୍‌ର ଲୁଚକାଳି ଖେଳ ।
ଛଦ୍ମବେଶୀ ଈଶ୍ୱରମାନେ ଢାଳି ଦିଅନ୍ତି
ପୁଳାପୁଳା ଆଶୀର୍ବାଦ ମନ ଜାଣି
ଅଥଚ, ବିବେକ ଆତ୍ମହତ୍ୟା
କରେ ବାରମ୍ବାର
କିଏ କିଛି ବି ବଦଳନ୍ତିନି
ଦିନ-ମାସ-ବର୍ଷ-ଋତୁଚକ୍ର
ଇତ୍ୟାଦି ଇତ୍ୟାଦି
ଯିଏ ଯୋଉଠି ସିଏ ସେମିତି
ରହିଯାଏ ସେଇଠି ।

ସାପପରି ବେକରେ ଗୁଡେଇହୋଇ
ସମୟଟା ଯାହା ଚାହୁଁଥାଏ ନୀରବରେ
କେତେବେଳେ ହସୁଥାଏ ତ ଆଉ
କେତେବେଳେ କାନ୍ଦୁଥାଏ
ଧକେଇ ଧକେଇ
ନିଃଶ୍ୱାସ ଓ ବିଶ୍ୱାସର ଆବର୍ତ୍ତ ମଧ୍ୟରେ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ)୮୨୪୯୧୩୭୦୯୧

## ନିହାରୀକା ରାୟ ବରାଳ



### ॥ ନିଜ ସହ ଭେଟ ହେବ ॥

ଆଜି ମୋ ନିଜ ସହ ନିଜର ଦେଖା ହେବ
ନା କାହା କଥା ଉଠିବ
ନା କାହା ଭାବନାର ପରିଧିକୁ
ମୋ ସ୍ତୁପୀକୃତ ଇଛାମାନେ
ଛୁଇଁବେ..

ଭିତରେ ଅଜଗରୀ ବର୍ଷା ତ
ବାହାରେ ଥରଥର କମ୍ପୁଥିବା
ମୋ ସ୍ମୃତିମାନଙ୍କର ଅଣଦେଖା ଇର୍ଷା
ଏମିତି ବେପରୁଆ ସମୟର ସାଇତା
କିଛି ହସ୍ତାକ୍ଷର ଓ ସବୁ ଯନ୍ତ୍ରଣାର
ଅବସାନ ହେବ..

ଆଜି କେବଳ ମୋ ନିଜ ସହ
ନିଜର ଭେଟ ହେବ..

ଅତୀତର ସବୁ ଦୁଃସମୟର ଝର୍କାକୁ ବନ୍ଦ କରି
ବର୍ତମାନର ସବୁ ଦୁଆରକୁ ଖୋଲା
ରଖିବାକୁ ହେବ
ବାହାରେ ଗର୍ଜୁଥିବା ଖାଁ ଖାଁ ଶୁନ୍ୟତା
ଓ ଭିତରେ ନିଗିଡି ପଡୁଥିବା
ଅସହାୟତାର ରକ୍ତ କ୍ଷରଣ

ସବୁକୁ ସମ୍ପର୍କର ଫୁଲ ଝୁଡିରେ
ଇପ୍ସିତ ଈଶ୍ୱରଙ୍କୁ ସମର୍ପଣ କରିବାକୁ ହେବ...

ଯାହା ଯାହା ହରାଇ ସାରିଛି
ସେ ସବୁକୁ ଘାରି ହେବାର
ଦୁର୍ବାର ଇଚ୍ଛାଙ୍କୁ ରିକ୍ତତାର ଝୋଲିରେ
ଉଜେଇଁ ଦେବାର ଅଛି..

ପୁଣି ଥରେ ଗଙ୍ଗାର ପବିତ୍ର ଜଳକୁ
ସୁଖର ପାର୍ବତ୍ୟ ଭୂଇଁରେ
କଳକଳ ବହି ଯିବାକୁ ହେବ...
ଅବଦମିତ ଉତ୍କଣ୍ଠାର ଅନୁଧାବନ କରି,
ଦୀର୍ଘଶ୍ୱାସମାନଙ୍କୁ ଢ଼ୋକିବାକୁ ହେବ..

ଆଜି ମୋ ନିଜ ସହ ନିଜର
ଖାସ ଗୋଟେ ଚୁକ୍ତି ହେବ
ଆଜି ନିଜ ସହ ନିଜର ଭେଟ ହେବ..

+ ଅନୁରାଗ, ବି /ଦଶ, ପ୍ରତିଭା ଏନ୍‌କ୍ଲେଭ
ଭୁବନେଶ୍ୱର

## ଶୁଭସ୍ମିତା ତ୍ରିପାଠୀ



### ॥ ଅର୍ପଣର ସମାରୋହ ॥

ମୁଁ ମାଗିଥାନ୍ତି ଅନେକ କିଛି
ଅନ୍ତରଙ୍ଗ ବସ୍ତୁ ଯେତେ,
ଯେତେ ଯେତେ ମହାର୍ଘ ମୁହୂର୍ତ୍ତ
ସ୍ୱପ୍ନବୋଳା, ପରାଗରେଣୁ
ରଂଜିତା ପ୍ରଜାପତି ଏକ
ଆଉ ଶୂନ୍ୟାକାଶେ ଗୋଧୂଳି ସଙ୍ଗୀତ

ସାଗରର ସିକ୍ତ ଉପକୂଳ,
ଉପକୂଳେ ସୂର୍ଯ୍ୟାସ୍ତର ଛାୟା
ଝାଉଁବନ ମାଦକତା ତଳେ
ମାଗିଥାନ୍ତି ଆନୁପମ ଜୋଛନାର କାୟା

ମୁଁ ମାଗିଥାନ୍ତି ଛାଇ ଆଲୁଅର
ନିବିଡ଼ କୋଳରେ
ମାଟିମଗ୍ନା ମେଘଫୁଲ ଏକ
ଲୁଚାଏ ଯେ ମୁହଁ ପ୍ରିୟତମ ଆକାଶ ଛାତିରେ
ସ୍ୱପ୍ନରେ ଯା ରାତି ହୁଏ ଚିର ମଧୁମିତ !

ଜ୍ୟୋସ୍ନା ବୋଳା ଏକ ମଧୁମିତ ରାତି
ଲକ୍ଷ ଲକ୍ଷ ତାରା, ଝିଲମିଲ ପାଣି
ଆକାଶରୁ ମାଟି ଯାଏଁ

ସବୁ ଖାଲି ସ୍ଥାନ ମାନଙ୍କରେ
ତୁମ ସ୍ୱୀକୃତିର ମହମହ ବାସ୍ନା
ନିରୋଳାରେ ଭରିଥାନ୍ତି ଆଣି.....

ମୁଁ ମାଗିଥାନ୍ତି ଫୁଲ,
ଝରନ୍ତା ପାଖୁଡା ତଳ ଗହନ ମନର କଥା
କଅଁଳ ଦେହର ଶୁଷ୍କ - ଶୁଷ୍କତାରେ କୋମଳତ୍ୱ
ବିହ୍ୱଳିତ, ବିଭୋର ସେ ଗୋପନ କବିତା

ଆଉକିଛି ଚୁପଚାପ୍ ରାତି
ଦୀପ୍ ଦୀପ୍ ଜଳୁଥିବା ଦୀପ
ଏବଂ ବିଜୁଳିର ପ୍ରଗଳ୍ଭ ସେ ଆଖି
ଅରୁଣିତ ସୂର୍ଯ୍ୟଙ୍କର ଆଦ୍ୟ ନାଲିରଙ୍ଗ,
ଲଜ୍ୟାନତ ଫୁଲଙ୍କର ମହମହ ବାସ୍ନା ଆଉ
ଯେତେ ଅନ୍ତରଙ୍ଗ - ଜ୍ୟୋସ୍ନାୟିତ କଇଁ

ଅନନ୍ତ ଏ ଆକାଶ ସୀମାନ୍ତରୁ ଥରେ

ଚାହିଁଥାନ୍ତି କାଦମ୍ବିନୀ ଫୁଲ ମଧୁମୟୀ !

ତମପାଇଁ ମୁଁ କିନ୍ତୁ ହେଲି ଛଳଛଳ ନଇ
ସ୍ରୋତସ୍ୱିନୀ ମୁଁ କେଉଁ
ଇଛାହୀନା ଗିରିକନ୍ୟା ସାଜି
ସାଗର ସୈକତ ଖୋଜେ
ମୋ ସଙ୍ଗୀତ ତାଳେତାଳେ

ଲଙ୍ଘିଯାଏ ଆଜି ସବୁ ଇପ୍ସିତର ମୋହ
ଭଙ୍ଗିମ, ଦେବତାଶୂନ୍ୟ ଏ ଦେହର ଦେଉଳରେ
ବନ୍ଦିନୀ ମୁଁ.....ଇଛେ ଆଜି
ସର୍ବସ୍ୱ କାମନାର ଅନ୍ତିମ ଅଗ୍ନିଝାସ,
ଅର୍ପଣର ଭିନ୍ନ ଏକ ମହାସମାରୋହ !!

+ ସ୍ନାତକ ଶେଷବର୍ଷ
ବ୍ରହ୍ମପୁର, ଗଂଜାମ
ଫୋନ:୯୫୮୩୫୦୯୭୫୮

## ଭରତ ଚନ୍ଦ୍ର ଦାଶ



### ॥ ଭାଙ୍ଗିପଡୁଛି ॥

ପ୍ରତ୍ୟେକ ଦିନ
କେହି ନା କେହି ଜଣେ
ହାତ ଛାଡ଼ି ଚାଲିଯାଉଛନ୍ତି
ଅସହ୍ୟ ଅସହାୟ ବେଦନାରେ
ଭାଙ୍ଗି ପଡୁଛି ହୃଦୟର ପରସ୍ତ ପରସ୍ତ
ସ୍ନେହ ପ୍ରେମର ଖଣ୍ଡିଏ ଖଣ୍ଡିଏ ଇଟା
ଯାହା ବାନ୍ଧିଥିଲା
ପ୍ରୀତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କର ସେତୁ ।
ଆଉ ସହି ହେଉନି
ସହିବାର ସୀମା ସରହଦ
ଧସିଗଲାଣି ଲୁହରେ
ଲହୁରେ ଲେଖି ହୋଇଗଲାଣି
ଦୁଃଖ ଯାତନାର ମାର୍ମିକ ଇତିହାସ ।

ସମୟ ଏତେ ନିଷ୍ଠୁର କାହିଁକି ଯେ
ସମସ୍ତ ଭଲପାଇବା ଶ୍ରଦ୍ଧା
ଆପଣାଜନର ପ୍ରାର୍ଥନା
ନିଷ୍ଫଳ ନିଷ୍କାମ ନିବେଦନ ନିରୁତ୍ତର ଏଠି ।
କରୋନା ନିଷ୍କରୁଣ ନିର୍ମମ
କରୁଣାର କାଣିଚାଏ ପାଇଁ ସେ

ନିରବରେ କୃପଣ ସାଜିଛି।
ଦେବାଶିଷ ଆଶିଷର ଅଭାବରେ
ଫେରିଯାଉଚି ଅଫେରନ୍ତା ରାଇଜକୁ ।

କାଳର କପାଳରେ ଅଦୃଶ୍ୟ କର୍ମଲିପି
ପଢିବ ବା କିଏ
ପଢିବାର କଳାଶକ୍ତି ଅପହୃତ
କାଳର ଇଙ୍ଗିତରେ ଜାଣିଥିଲା ସିଏ ।

ଦୂରେ ବହୁଦୂରେ ତମକୁ
ଶତ ଶତ ଆଭୂମ ପ୍ରଣାମ
ଶବ୍ଦର ଅନନ୍ୟ ବିନ୍ଧାଣି
ଶବ୍ଦ ସହ ଶବ୍ଦ ଯୋଡି
ରହିଅଛି କାଳରେ ତା ନାମ ।

+ ସଦସ୍ୟ,ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା , ବାଲେଶ୍ୱର - ୭୫୬୧୨୬
(ମୋ) ୯୪୩୭୩୭୨୧୬୬

## ହରିଶ୍ଚନ୍ଦ୍ର ବେହେରା



### ॥ ଆଜି ସଂଜରେ ॥

ଆଜି ସଂଜରେ କିଏ ଗାଉଛିକି
ଆଷାଢ଼ର ମେଘ ମଲ୍ଲାର !

ତୁଳସୀ ମୂଳରୁ ବାସୁଛି ମହ ମହ ଧୂପ
ନୀଡ଼କୁ ଫେରୁଛନ୍ତି ଦିନସାରାର
କ୍ଳାନ୍ତ ପକ୍ଷୀ ।

ଏତେ ସ୍ନେହ କିଏ ଢାଳିଦେଇଛି
ଆକାଶ ଛାତିରେ ଆଜି ।

ଜାନକା ମା'ର ଚାଳ ଘରୁ ଧୂଆଁ ଉଠୁଛି
ଯେଉଁଠି ଡଙ୍କେଇଛି ପୋଇ ପାଣି କଖାରୁ ।

ଅଳେଇଚ ଲବଙ୍ଗ ଦ୍ୱୀପରୁ ଭାସି ଆସୁଛି
ସାଧବ ବଧୂର ବୋଇତ ବନ୍ଦାଣ ଗୀତ
ଜାହାଜ ବୋଝେଇ ଭରା ମସଲାର
ଭୁରୁ ଭୁରୁ ବାସ୍ନା
ଅନେକ ଅନେକ ଶତାବ୍ଦୀ ସେପଟୁ ।

ସରିଯାଇଥିବା ଦିନ ମାନେ
ଆଉ ଫେରିବେ ନାହିଁ କେବେ
ସ୍ମୃତିର କେଉଁ ଗହୀରରେ ଦୁପୁ ଦୁପୁ
ଦୀପଟିଏ ଜଳେ
ଲିଭି ନାହିଁ ଏ ଯାଏଁ ।

ଗୋଟେ ଶୌର୍ଯ୍ୟଶୀଳ ଜାତିର
ଦାୟାଦ ମାନେ
ରାସଲୀଳାରେ ନାଚନ୍ତି ଏବେ ଥେଇ ଥେଇ
ଅର୍ଦ୍ଧେକ ପୁରୁଷ ଅର୍ଦ୍ଧେକ ନାରୀ ହୋଇ ।

ବୋଉ ଲଗେଇ ଥିବା
କାଠ ଚମ୍ପା ଗଛରେ ଆଜି
ଗଦେଇ ପଡିଛି ଫୁଲ ଅସୁମାରୀ
ତା' ର ଓଦା ପଣତ ପରି ଭୁରୁ ଭୁରୁ ବାସ୍ନା ।

ଆକାଶରେ ଆଉ ଉଡୁନି ଭଦଭଦଳିଆ
ଆମ ପିଲାଏଁ ତା' ରଙ୍ଗିନ ପର
ରଖୁନାହାନ୍ତି ବହିରେ ସାଇତି ଶୁଭ ଲାଗି
ମନରେ ମାୟା ଲଗଉଥିବା ତା' ଡାକ ଆଉ
ଶୁଭୁନି ଖରା ବେଳେ ।

ଏବେ କେଉଁଠି ଦିଶୁନି ଦାଣ୍ଡ କାକଟିଏ
ବୋଉ ଦେଇଥିବା ମୁଠେ
ଚାଉଳ ଖାଇ ଉଡ଼ିଯାଇଛି
ସେଇ ଦିନରୁ
ଶୁଭ ଖବରଟିଏ ଆଣିବ ଚାହିଁ ଚାହିଁ
ବୋଉବି ଗଲାଣି ଆର ପାରିକୁ
ତା ' ଦେଖା ନାହିଁ ।

ସବୁଠି ତ ଏବେ ମୃତ୍ୟୁର ଛାଇ
ହଜି ଯାଉଥିବା ଦିନମାନଙ୍କୁ
ଖୋଜିଗଲା ବେଳେ
ପବନରେ ଶୁଭେ ସେତ
ନାହିଁ ନାହିଁ ନାହିଁ !!

+କଲ୍ୟାଣ ନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର
(ମୋ) ୯୪୩୭୮୧୩୭୦୮

## ସାରଦା ପ୍ରସାଦ ଆଚାର୍ଯ୍ୟ



### ॥ ସାନ୍ତ୍ୱନା ॥

କେବେ ଓହ୍ଲାଉନଥିବା ତାତିକୁ
ଧରିଚି ମୋ ଦେହରେ,
ଦିନ କେଇଟା ପାଇଁ
ତାତିଟା ଆଣିଛି ମୁଁ ଉଧାରେ।

ଗୋଡ଼ ଟଳମଳ, ମୁଣ୍ଡ ଝାଇଁ ଝାଇଁ,
ତୁଣ୍ଡ ହାଇଁପାଇଁ, ରାସ୍ତାରେ ଲମ୍ବିଛି
ଅଭିମାନ ଭରା ଟ୍ରକ୍ ଟ୍ରକ୍ ଲମ୍ବା ଲାଇନ୍।

କାଳବୈଶାଖିର ଚଡ଼କରେ,
ଜଳିଯାଇଛି ବିଶ୍ୱାସର ବୃକ୍ଷ ,
ଅସହିଷ୍ଣୁତା ପବନରେ,
ଭୁଷୁଡ଼ି ପଡ଼ିଛି ମୋ ପ୍ରୀତିର ମହଲ।

ପ୍ରତାରଣା ଧୂଳିରେ କୁହୁଡ଼ିର କୁହୁକ,
ଆଗକୁ ଚାଲିବାକୁ ଲାଗୁଛି ଡର।

ମରି ମରି ବଂଚିଛି ଏତେ ଟିକେ ବିଶ୍ୱାସ,

ତଥାପି ଜାଣିଛି କିଏ ଜଣେ ଆସି
ଆଉଁସି ଦେବ ମନ।

ଜାଣିଛି ଶୁଣିଛି,
ସଂସାର ଓ ଶ୍ମଶାନ ଭିତରେ ଅତି କମ୍ ଦୂର,
ତଥାପି ମୟା ମୋହରେ ଅଲୋଡ଼ା ସମ୍ପର୍କ।

ଶପଥ କରିବା
ଧର୍ମ ଦାଣ୍ଡରେ ହେବା ନାହିଁ ଦୋଷୀ,
କାନ୍ଧରେ ବୋହିବା ଉଦାରପଣିଆ,
ଦୁଃଖ ସହୁଥିବି ବାରମାସୀ ।

+ ଯୋଡ଼ା, କେନ୍ଦୁଝର
(ମୋ)୯୪୩୭୬୧୧୮୯୧

## ଡ଼ଃ ଆଭାଞ୍ଜଳି ଶତପଥୀ



### ॥ ଦୁଇ ଅକ୍ଷର ॥

ଫର୍ଦ୍ଦେ କାଗଜରେ
ଗୁଞ୍ଜି ଗୁଞ୍ଜି ଧାଡ଼ି ଭିତରେ
ଅକ୍ଷର ଦୁଇଟି
ଗୁଞ୍ଜରିଲେ ଏକ ଶବ୍ଦ - 'ପ୍ରେମ' ।
କଣ ଏତେ ଭାରି ଥିଲା ସେ ଶବ୍ଦ ?
ଏତେ ଦୋଷୀ ଥିଲା ସେ ଶବ୍ଦ ?
ମପାଗଲା ବ୍ୟବଧାନ
ଜାତି ଅଜାତି
ମହଲ କୁଡ଼ିଆ
ଚାରି ଚକିଆ ଓ ଦୁଇ ଚକିଆ
ଉଚ୍ଚ କୁଳ ନୀଚ କୁଳ
ସେ ସମାଜ ଗଢ଼ା ମାପଦଣ୍ଡରେ ।
'ସ୍ୱର୍ଗକୁ ନିଶୁଣି'
'ଆକାଶ କଇଁଆ ଚିଲିକା ମାଛ'
'ବାମନ ପୁଣି ଚନ୍ଦ୍ରକୁ ହାତ ବଢ଼ାଉଛି'
ଢଗ ଗୁଡ଼ା ଉପହାସର ବାଜାରେ କର୍ଣ୍ଣକଟୁ
କରିଦେଲେ ସେ ଅକ୍ଷର ଯୋଡ଼ିର କର୍ଣ୍ଣପଟକୁ ।
ମର୍ଯ୍ୟାଦାର ମୁଖାଟିଏ ପିନ୍ଧି ପୁରୁଖାମାନେ
ଜେରା କଲେ 'ଅନର କିଲିଂ'ର କାଠଗଡାରେ।
ଆସାମୀ ବନି ଗଲେ ସେ ଅକ୍ଷର ଦୁଇଟି
ତାକୁ ଯୋଡୁଥିବା ନିରୀହ ଧାଡ଼ି
ଆଉ ସେ କାଗଜ ଫର୍ଦ୍ଦ ବି ।

ଦଣ୍ଡର ପରିମାଣ କଠୋରରୁ କଠୋର
ପ୍ରହ୍ଲାଦର ଦଣ୍ଡଠୁ ବି ନିର୍ମମ।

ଟିକି ଟିକି ହେଇଗଲେ ସେ କାଗଜ ଫର୍ଦ୍ଦ ଆଉ
ଗୁଞ୍ଜି ଗୁଞ୍ଜି ଧାଡ଼ିର ଅସ୍ପଷ୍ଟ ଅକ୍ଷର ମାନ
ହଜିଗଲେ ଦମନର କଳା ଅନ୍ଧାରରେ
ଉଡ଼ିଗଲେ ଫମ୍ପା ଆଦର୍ଶ ପବନରେ
ଭାସିଗଲେ ଅହଙ୍କାର ନଦୀର ଧାରାରେ
ଜଳିଗଲେ ଦମନର ତପ୍ତରେ
ଜଳୁଥିଲା ସେ ଫର୍ଦ୍ଦଟି ନଶ୍ୱର ଶରୀର ଭଳି
ହେଲେ ସେ ଅକ୍ଷର ଦୁଇଟି
ପ୍ରହ୍ଲାଦ ଭଳି ପିନ୍ଧିଥିଲେ ସ୍ୱର୍ଗୀୟ କବଚ
ଯୋଡ଼ି ହୋଇଗଲେ ଶାଶ୍ୱତ ଧାରାରେ
ପ୍ରେମର ଶବ୍ଦରେ
ଧ୍ରୁବତାରା ହୋଇ ଚମକିଲେ
ଅନନ୍ତ ଆକାଶରେ
ଦିଗ ଦିଗନ୍ତରେ
ପୁଣି ନିଃଶବ୍ଦରେ ବ୍ୟକ୍ତ କରୁଥିଲେ
ସେ ଶବ୍ଦର ଶବ୍ଦାର୍ଥକୁ
ଅମର ପ୍ରେମର ଗାଥାକୁ,
ସେ ଦୁଇ ଅକ୍ଷରର ନିତ୍ୟତାକୁ ।

+ ùekKßé, P¦ ãgLe_ê,
bêú^gß
(ùc¦) 9884134981

## ସୁଧାଂଶୁ ଶେଖର ମିଶ୍ର



### ॥ କାହାର ଏକ ପୃଥିବୀ ॥

(ଏକ)
ସେମିତି ଏକ ବଡ ଖବର
ନଥିଲା ତା'ର ଆସିବାର ନିମିଷକ ପାଇଁ ବି,
ଆଲୁଅରେ ଚମକୁ ନଥିଲା ଆକାଶ
ଧୂସର କୁହୁଡ଼ିମାନେ ଚଳପ୍ରଚଳ କରୁଥିଲେ
ତା' ର ଆଖେ ପାଖେ ।
ରାହା ଧରି କାନ୍ଦି କାନ୍ଦି
ନିସ୍ତେଜ ହୋଇ ପଡିଥିଲା
ଅପରିତ୍ୟକ୍ତ ଗହଳ ବୁଦା ଆଢୁଆଳରେ ।
ରାତ୍ରି : ଗାଢ଼ ଥିଲା, ପବନ ତୁଙ୍ଗା ଲଗାଇ
ରାତ୍ରି, ଗାଉଥିଲା ତା'ର ଆବାହନୀ ଗୀତ
ମାଆ ପେଟରୁ ସଞ୍ଚିଥିବା
ଜୀବନିଶକ୍ତି ବି ସରି ଆସୁଥିଲା
ଉତୁରି ଯାଉଥିଲା ଉଷ୍ମତା ତା' ଦେହରୁ ।
ନାଲି ନାଲି ଓଠ ତାର ଶୁଖି ଯାଉଥିଲା
ମାଆ ଥନ ର ଅମୃତ ନ ପାଇ ।
କିଛି ପିମ୍ପୁଡ଼ି, କୁକୁର ବିଲୁଆଙ୍କ ଉଚ୍ଚ କୁହାଟ
ରାତିସାରା ଏପଟ ସେପଟ ହେଉଥିବା
ଦୁଇଟି ଭୁଆ ବିଲେଇଙ୍କ ସହ
କଟିଛି ତାର ଜୀବନର ପ୍ରଥମ ରାତ୍ରି ।
ଘୁରି ଯାଉଥିଲା ଥମି ଆସୁଥିବା ପବନଚକିଟି
ସକାଳର କାଲୁଆ ପବନରେ,
ତା' ଆଡକୁ ଲମ୍ବି ଯାଉଥିଲା
ଏକ ଜନସ୍ରୋତ, ଗୋଟିଏ ଧାର ଲୁହ
ଦଲକାଏ ପବନ ଆହାଃ !
ଆହାଃ ବିଚରା !!!

(ଦୁଇ)
ତା' ର ଆକାଶ କହିଲେ -
ବାଉଁଶ କଣିରେ ଫସି ରହିଥିବା
ଗୋଟିଏ ରଙ୍ଗିନ୍ ଗୁଡ଼ି
ଘର ଚାଳରେ ମୁହଁମାଡି ପଡିଥିବା
କାଗଜ ରକେଟ୍ ।
ପୃଥିବୀ କହିଲେ -
ବସ୍ତି ମୁଣ୍ଡ ଶିମୁଳି ଗଛର ଛାତ
ପଲିଥିନ୍ ଢଙ୍କା ଅସ୍ଥାୟୀ ଆବାସ
ପାଦତଳୁ ବହିଯାଉଥିବା
ଛୋଟ ଏକ କାନ୍ଦୁରୀ ନଈ ।
ନଈର ପଥର ପରି ତା' ଦେହଟା
ଘଷି ମାଜି ହୁଏ, ରଗଡ଼ା ଖାଏ -
ସମୟର ବାଲି ଗରଡାରେ ।
ଆଣ୍ଠୁ ତଳଯାଏଁ ପାଣି,
ମୁଣ୍ଡରୁ ଆଣ୍ଠୁଯାଏଁ ଆବେରି ରହିଛି
ଗୋଟିଏ ଖରାର ଆକାଶ
ଦେହସୁହା ଏଇ ଖରାବେଳ ।
ସେ କଳା ନା' ଗୋରା
କେମିତି ତା'ର ଗଢଣ ?
କେଉଁ ଡାଳରୁ ଅବିକଳ ଛିଣ୍ଡାଇ ଆଣିଛି
ନାକ, ଆଖି, ଓଠ, ମୁହଁ ।
ସେମିତି କ'ଣ ପଥରର ରଙ୍ଗ ଥାଏ
ନିର୍ଦ୍ଦିଷ୍ଟ ଏକ ଗଢଣ ଥାଏ ?
ତା' ର ଚାରି ପାଖର ପୃଥିବୀ ଦ୍ୱାରା
ଗଢ଼ି ହେଉଥାଏ ଆପେ ଆପେ
ନିନ୍ଦା, ଅପବାଦ, ଘୃଣାକ୍ଷରର ପିଟାଣରେ
ଜବରଦସ୍ତ ଭୋଗୁଥିବା
ଭାଗ୍ୟର ହାତୁଡ଼ିରେ ।

+ ଧନୁପାଲି, ସମ୍ବଲପୁର- ୭୬୮୦୦୫
(ମୋ) ୯୮୬୧୪୦୯୦୪୫

## ଡ. ମମତା ପ୍ରିୟଦର୍ଶିନୀ ସାହୁ



### ॥ ଆୟୁଷ୍ମତୀ ॥

ସଂସାରର ସବୁଠୁ ସୁନ୍ଦର ମୁହୂର୍ତ୍ତରେ ସେ
ଚାଲିଥିଲା ହାତରେ ହାତ ଛନ୍ଦି
ଉଜ୍ଜଳରୁ ଉଜ୍ଜଳତର ଜୀବନ
ପଥରେ ।

ଇଟା ପରେ ଇଟା ଦେଇ
ସମୟ ଯୋଡୁଥିଲା ସଂସାରକାନ୍ଥ
ପ୍ରେମଶାସ୍ତ୍ରର ପୃଷ୍ଠା ଓଲଟେଇ ଓଲଟେଇ ।

ଅସ୍ତବ୍ୟସ୍ତ ଚାରିକଡ ସଜାଡୁ ସଜାଡୁ
ଅଭିମାନରେ ଆତ୍ମଲିପି ଲେଖୁଥିଲି
ତା ହୃଦୟର ମୌନ ମାନଚିତ୍ରରେ ।

ତଥାପି ସେ ବିଞ୍ଚୁଥିଲା ମୁଠା ମୁଠା
ସୋହାଗର ଫଲ୍‌ଗୁ
ପ୍ରତିଟି ଫେନିଳ ସକାଳରେ ।

ଦାମ୍ପିକତାର ସିଡି ଚଢୁଥିଲି
ମଥା ରଖି ତା' ରି ଛାତିରେ
ବାକି ଜୀବନର ସୁଖ ବୁଣି ବୁଣି।

ଅଚାନକ ହଜିଗଲା ତାର ସ୍ୱରର ଲହର
ନେପଥ୍ୟର କୋଳାହଳ ଭିତରେ
ମୋ ଆତ୍ମାର ଈଶ୍ୱର ପାଲଟି ।

ମନ ପବନର ଘୋଡା ଚଢି
ନିତି ଆସେ ଥିରି ଥିରି
ମୋ ନିଃସଂଗତାରେ ହାତ ମିଳେଇବାକୁ ।

ନିଟୋଳ ବିଶ୍ୱାସ ରେ ଲୁହ ପୋଛେ
ସ୍ୱୟଂ ସଂପୂର୍ଣ୍ଣ କରିଦେବାକୁ
ମୋର ଏଇ ଅନାଥ ପୃଥିବୀକୁ ।

+ ଓଡ଼ିଆ ଅଧ୍ୟାପିକା
ସରକାରୀ ଏସ୍‌ଏସ୍‌ଡି, ଏଚ୍‌ଏସ୍‌ଏସ୍
+୨ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା,
ସୁନ୍ଦରଗଡ଼
(ମୋ) ୯୩୩୭୦୬୭୧୮୬

# କଳାହାଣ୍ଡିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କଲେ ଅସିତ୍ ତ୍ରିପାଠୀ

ଭୁବନେଶ୍ୱର,୨୬/୭ (ନି.ପ୍ର): ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ୍ ତ୍ରିପାଠୀ ରବିବାର କଳାହାଣ୍ଡି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି । ଏଥି ସହିତ ଭବାନୀପାଟଣାଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଛନ୍ତି ।

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ଭାବେ କରାଯାଇପାରିବ ଏବଂ ଜିଲ୍ଲାକୁ ପ୍ରଗତିର ଉଦ୍ଧ୍ୱର୍ ସୋପାନକୁ ନେଇହେବ ତା'ଉପରେ ସେ ଅଧିକାରୀମାନଙ୍କ ଜିଲ୍ଲା ପାଇଁ ବାସ୍ତବ ଧର୍ମୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ସେ ଦିଗରେ କାର୍ଯ୍ୟ କରିବା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ । ସେ ଅର୍ଥକରୀ ଫସଲ, ଟସର ଚାଷ, ମତ୍ସ୍ୟଚାଷ, ପଶୁପାଳନ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ କୃଷିଭିତିକ ଶିଳ୍ପ ପ୍ରତିଷ୍ଠା ଦିଗରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ କଳାହାଣ୍ଡିର ଛବିକୁ ପରିବର୍ତ୍ତନ କରିବାକୁ ହେବ । ତେଣୁ ଆଗକୁ ଅଧିକ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରି ଯୁବବର୍ଗଙ୍କୁ କିପରି କର୍ମସଂସ୍ଥାନର ସୁଯୋଗ ଯୋଗାଇ ଦିଆଯାଇପାରିବ ସେ ନେଇ ଅଧିକାରୀମାନଙ୍କୁ କହିଥିଲେ । ଜଳସେଚନ ସୁବିଧା ହେତୁ ଜିଲ୍ଲାରେ ରହିଥିବା ଭୂସଂପଦର ସଂପୂର୍ଣ୍ଣ ଉପଯୋଗ କରିବା, କୃଷି କ୍ଷେତ୍ରରେ ବିବିଧିକରଣ କରିବା ଆଦି ଉପରେ ସେ ଜୋର ଦେ ଇଥିଲେ । ଏହି ଅବ ସର ରେ ସେ ଜିଲ୍ଲାରେ ନୂତନ ଉଦ୍ୟୋଗ ସୃଷ୍ଟି ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ସାକ୍ଷାତ ଦେଇ ସେମାନଙ୍କ ସହ ଆଲୋଚନା କରିଥିଲେ ।

ଏଥି ସହିତ ଶ୍ରୀ ତ୍ରିପାଠୀ କେତେକ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରି ସେଠାରେ କିପରି ଉନ୍ନତ ଭିତ୍ତିଭୂମିର ବିକାଶ କରି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇପାରିବ ତାହା ସୂଚିତ କରିଥିଲେ । ତା'ଛଡ଼ା ଘରୋଇ ସହଭାଗିତାରେ କିପରି ବୋଟିଂ, ରେଷ୍ଟୋଁରା ଏବଂ ହୋଟେଲ ଆଦି କରାଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । ସେ ଭବାନୀପାଟଣା ଟାଉନ ହଲ୍ ପରିଦର୍ଶନ କରି ସେଠାରେ ଚାଲିଥିବା ନବୀକରଣ କାର୍ଯ୍ୟ ନିରୀକ୍ଷଣ କରିବା ସହିତ ଭଙ୍ଗାବାରୀ ଯାଇ ସେଠାରେ ନିର୍ମାଣାଧୀନ ମେଡିକାଲ କଲେଜ ବୁଲି ଦେଖିଥିଲେ । ସେଠାରୁ ଯାଇ ଜାରିଙ୍ଗ ଛେଳି ପାଳନ କେନ୍ଦ୍ର, ଭତ୍ରାଜୋର ମଧ୍ୟମ ଜଳସେଚନ ପ୍ରକଳ୍ପ, ଜୁନାଗଡ଼ଠାରେ ନିର୍ମିତ ବିଜୁ ପଟ୍ଟନାୟକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ଲେପ୍ରା ସୋସାଇଟି ଦ୍ୱାରା ପରିଚାଳିତ ନେତ୍ର ଚିକିତ୍ସାଳୟ, ଛୁରିଆଗଡ଼ କଳାଗ୍ରାମ ଓ ବିଜୁ ଏକ୍ସପ୍ରେସ୍ ୱେ ପରିଦର୍ଶନ କରି ସଂପୃକ୍ତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପରେ ଧର୍ମଗଡ଼ ବ୍ଲକ୍ ର ବେହେରା ଯାଇ ସେଠାରେ ବେହେରା-ଡେଙ୍ଗାଗୁଡ଼ା ୩୩ କେଭି ଇନ୍ଦ୍ରାବତୀର ନୂତନ ଲାଇନ୍ ର ଶୁଭ ଉଦ୍ଘାଟନ କରିଥିଲେ ।

ତାଙ୍କର ଏହି ଗସ୍ତ କାଳରେ ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍ଇ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌଷଧି ବାଗ୍, ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗୱାଲୀ, ଧର୍ମଗଡ଼ ପଂଚାୟତ ସମିତି ଅଧ୍ୟକ୍ଷ ବଳରାମ ପୁଝାରୀ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ବିମଳା ବାଗ, ପିଡି,ଡିଆରଡିଏ ସୋମେଶ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ସଂକ୍ରମଣ କମିଛି, ତଥାପି ଆଗାମୀ ଦୁଇରୁ ତିନି ମାସ ସତର୍କ ରହିବାକୁ ପଡ଼ିବ: ନିରଞ୍ଜନ ମିଶ୍ର



ଭୁବନେଶ୍ୱର,୨୬/୭ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବା ବେଳେ ଏନେଇ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର । ସେ ନିଜ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, 'ରାଜ୍ୟରେ ସଂକ୍ରମଣ କମିଛି । ତଥାପି ଆଗାମୀ ଦୁଇରୁ ତିନି ମାସ ସତର୍କ ରହିବାକୁ ପଡ଼ିବ । କୋଭିଡ ନିୟମ, ମାସ୍କ ପିନ୍ଧିବା, ସାମାଜିକ ଦୂରତା, ଇଣ୍ଡୋର ଗ୍ୟାଦେରିଙ୍ଗକୁ ରୋକିବାକୁ ପଡ଼ିବ । ରାଜ୍ୟର ସାମଗ୍ରୀକ ସ୍ଥିତିକୁ ଦେଖି ସମ୍ପୂର୍ଣ୍ଣ ଅନଲକ ବିଷୟରେ ଚିନ୍ତା କରାଯିବ । କୋଭିଡ ଡେଥ ଅଡ଼ିଟ କିଛି ବାକି ଅଛି । ସମସ୍ତ ଡେଥ ରିପୋର୍ଟ ଅଡ଼ିଟ କରାଯିବା ପରେ ମୃତକଙ୍କ ସଂଖ୍ୟା ଦର୍ଶାଯିବ । କୋଭିଡରେ ଯେଉଁମାନେ ମୃତ୍ୟୁ ବରଣ କରୁଛନ୍ତି ସେମାନଙ୍କୁ ଡେଥ ସାର୍ଟିଫିକେଟ ଦିଆଯାଉଛି । ସେଥିରେ କିଛି ଅସୁବିଧା ନାହିଁ । କୋଭିଡ ଡେଥକୁ ସାର୍ଟିଫିକେଟରେ ଲେଖିବାର କୌଣସି ପ୍ରୋଭିଜନ ନାହିଁ । ସଂକ୍ରମଣ କିଛି ଜିଲ୍ଲାରେ ଅଧିକ ରହିଥିଲେ ବି ପୂର୍ବ ତୁଳନାରେ କମିଛି ।'

# ପାଇକ ବିଦ୍ରୋହର ଗାଥାକୁ ନିଖୁଣ ଭାବେ ଦେଖାଇ ପ୍ରଥମ ହେଲା ନୃତ୍ୟ ନୈବେଦ୍ୟ

## ପୁରସ୍କାର ଘୋଷଣା କଲେ ସାଂସଦ ସୋନାଲ ମାନସିଂହ



ଭୁବନେଶ୍ୱର,୨୬/୭ (ନି.ପ୍ର): ପୁଣି ସର୍ବଭାରତୀୟ ସ୍ତରରେ ଓଡ଼ିଶା ଆଣିଲା ସୁନାମ । ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲା ଓଡ଼ିଶୀ ନୃତ୍ୟ । ପାଇକ ବିଦ୍ରୋହରେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର ଗାଥାକୁ ଓଡ଼ିଶୀ ଛାନ୍ଦରେ ପରିବେଷଣ କରି ପ୍ରଥମ ପୁରସ୍କାର ହାତେଇଛି ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ । ପୁରସ୍କାର ବାବଦକୁ ୧ ଲକ୍ଷ ୨୫ ହଜାର ଟଙ୍କା ଘୋଷଣା କରିଛନ୍ତି ସିଆଇସିଡିର ପ୍ରତିଷ୍ଠାତା ତଥା ରାଜ୍ୟସଭା ସାଂସଦ ପଦ୍ମବିଭୂଷଣ ଡ. ସୋନାଲ ମାନସିଂହ । ତେବେ ପ୍ରଥମ ପୁରସ୍କାର ନେଇ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଭାତ ସ୍ୱାଇଁ ସୂଚନା ଦେଇଥିବା ବେଳେ ନୂଆଦିଲ୍ଲୀରେ ଏହି ପୁରସ୍କାର ଘୋଷଣା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ତେବେ ଲୁଚି ଯାଉଥିବା ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଦୀର୍ଘ ଦିନ ହେବ ସେଣ୍ଟର ଫର ଇଣ୍ଡିଆନ କ୍ଲାସିକାଲ ଡ୍ୟାନ୍ସ କାମ କରି ଆସୁଥିବା ବେଳେ ଚଳିତ ଥର ୭୫ ବର୍ଷ ପୂରଣ କରିଛି । ୭୫ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାଟାଗୋରୀରେ ନୃତ୍ୟ ଭିଡିଓ ଆହ୍ୱାନ କରାଯାଇଥିଲା । ଅନସଙ୍ଗ ହିରୋ ଅଫ ଇଣ୍ଡିଆ ଥିମରେ ନୃତ୍ୟ ନୈବେଦ୍ୟ ପାଇକ ବିଦ୍ରୋହର କାହାଣୀ ଭରା ଭିଡିଓ ପଠାଇଥିଲେ । ଦେଶର ଅନେକ ସ୍ଥାନରୁ ୨୦୦ରୁ ଅଧିକ ଭିଡିଓ ଆସିଥିବା ବେଳେ ଓଡ଼ିଶାର ଭିଡିଓ ପ୍ରଥମ ସ୍ଥାନ ଅଧିକାର କରିଛି । ୧୫ରୁ ୩୦ ବର୍ଷ ବୟସ ଭିତରେ ଏହି ପ୍ରତିଯୋଗିତା ହେଉଥିବା ବେଳେ ଭୁବନେଶ୍ୱର ଧଉଳି ପାହାଡରେ ନୃତ୍ୟ ଭିଡିଓ ସୁଟ୍ କରାଯାଇଛି । ତେବେ କରୋନା କଟକଣା ପାଇଁ ପୁରସ୍କାର ଉତ୍ସବକୁ ଭର୍ଚୁଆଲ ପ୍ଲାଟଫର୍ମରେ କରାଯାଇଛି ।

# ଲୋକଙ୍କ ସ୍ୱର ହୁଅ, ସରକାରଙ୍କୁ ଜବାବ ମାଗ : ଚୁଗ୍



ଭୁବନେଶ୍ୱର,୨୬/୭ (ନି.ପ୍ର): ସାଧାରଣ ଲୋକଙ୍କ ସମସ୍ୟାରେ ସାମିଲ ହୋଇ ସେମାନଙ୍କର ସ୍ୱର ଭାବେ ରାଜ୍ୟ ସରକାରଙ୍କୁ ଜୋରଦାର ଢଙ୍ଗରେ ଘେରିବା ନିମନ୍ତେ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହାସହିତ ସେ ରାଜ୍ୟ ବିଜେପିର ବିଭିନ୍ନ ସେଲ୍ କର୍ମକର୍ତ୍ତା, ରାଜ୍ୟ ନେତୃତ୍ୱ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ମଧ୍ୟ ବୈଠକ କରିଛନ୍ତି ।

ବିଜେପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଶ୍ରୀ ଚୁଗ୍ ଯୋଗ ଦେଇଛନ୍ତି । ସେ ସାଙ୍ଗଠନିକ ସ୍ତରରେ ବିଭିନ୍ନ ବୈଠକରେ ଯୋଗ ଦେଇ ରାଜ୍ୟ ବିଜେପି ନେତୃବୃନ୍ଦଙ୍କ ସହ ଆଗାମୀ ରଣନୀତି ସଂପର୍କରେ ଆଲୋଚନା କରିଥିଲେ । ରାଜ୍ୟ ସଭପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ସାଧାରଣ ସଂପାଦକ ଏବଂ ରାଜ୍ୟ ପଦାଧିକାରୀଙ୍କ ସହ ବୈଠକ କରିଥିଲେ । ପରେ ଶ୍ରୀ ଚୁଗ୍ ଖୋର୍ଦ୍ଧା ଜିଲ୍ଲାର ଦଳୀୟ ନେତୃବୃନ୍ଦ ଓ ପଦାଧିକାରୀଙ୍କ ସହ ସାଂଗଠନିକ ବୈଠକରେ ଯୋଗ ଦେବା ସହ ଓଡ଼ିଶା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ବୈଠକରେ ଦଳର ଆଗାମୀ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା । ଶ୍ରୀ ଚୁଗ୍ ପୁରୀ ଜିଲ୍ଲା ବିଜେପି ସାଙ୍ଗଠନିକ ବୈଠକରେ ଯୋଗ ଦେଇ ମୋଦୀ ସରକାରଙ୍କ ଜନକଲ୍ୟାଣ ଯୋଜନାକୁ ବୁଥ୍ ସ୍ତରରେ ପହଂଚାଇବା ନେଇ ଆଲୋଚନା କରିଥିଲେ । ସେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ଏକ ବୁଥ୍ ବୈଠକରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପରେ ଶ୍ରୀ ଚୁଗ୍ ରାଜ୍ୟ କାର୍ଯ୍ୟାଳୟରେ ଅନୁସୂଚିତ ଜାତି ମୋର୍ଚ୍ଚା ପଦାଧିକାରୀଙ୍କ ସହ ମୋର୍ଚ୍ଚାର ଆଗାମୀ ଦିନର ରଣନୀତି ପ୍ରସ୍ତୁତି ପ୍ରସଙ୍ଗରେ ବ୍ୟାପକ ଭାବେ ଆଲୋଚନା କରିଥିଲେ ।

ଶ୍ରୀ ଚୁଗ୍ ଦଳର ନିର୍ବାଚିତ ଜିଲ୍ଲା ପରିଷଦ ଓ ବ୍ଲକ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନଙ୍କ ବୈଠକରେ ଯୋଗ ଦେଇ ମୋଦି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସଂପର୍କରେ ସୂଚନା ଦେବା ସହ ଦଳୀୟ କାର୍ଯ୍ୟକ୍ରମ ଭିତ୍ତିରେ ଲୋକଙ୍କ ପାଖରେ ପହଂଚାଇବା ପାଇଁ ପରାମର୍ଶ ଦେଇଥିଲେ ।

ଦଳୀୟ କାର୍ଯ୍ୟାଳୟରେ ସମସ୍ତ ବିଭାଗ ଏବଂ ସେଲର ଇନଚାର୍ଜମାନଙ୍କ ସହ ବୈଠକ କରି ସରକାରୀ ଯୋଜନା ଓ ଦଳର ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ସାଧାରଣ ଜନତାଙ୍କ ସମସ୍ୟାରେ ରାଜ୍ୟ ସରକାରଙ୍କୁ ଜୋରଦାର ଘେରିବା ପାଇଁ ଆହ୍ୱାନ ଦେବା ସହ ତୃଣମୂଳସ୍ତରରେ ବିଜେପିର ସଙ୍ଗଠନକୁ ସୁଦୃଢ଼ କରିବା ନେଇ କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ଚୁଗ୍ ପରାମର୍ଶ ଦେଇଥିଲେ ।

ଶ୍ରୀ ଚୁଗ୍ ମଧ୍ୟ ନିଜ ଗସ୍ତ ସମୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟର କ୍ଷମତାସୀନ ବିଜେଡି ସରକାର ବିରୋଧରେ ଅନେକ ଅଭିଯୋଗ ଲାଗିଥିଲେ । କେନ୍ଦ୍ରୀୟ ଯୋଜନାକୁ କପି ପେଷ୍ଟ କରି ନିଜର ଆତ୍ମପ୍ରଚାର କରିବା, କେନ୍ଦ୍ରୀୟ ଅର୍ଥରେ ନିଜ ପୋଷ୍ଟର ମାରି ବାହା ବାହା ନେବା, ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗରିବ କଲ୍ୟାଣ ଅନ୍ନ ଯୋଜନା ଓ କୃଷକ ସମ୍ମାନନିଧିରେ ଚଞ୍ଚତଚକତା କରି ବ୍ୟାପକ ଘୋଟଲା ପ୍ରସଙ୍ଗରେ ଶ୍ରୀ ଚୁଗ୍ ରାଜ୍ୟ ସରକାରଙ୍କୁ ଜବାବ ମାଗିଥିଲେ ।

# ବୈଜୟନ୍ତଙ୍କ ଉଦ୍ୟମରେ କତାରରୁ ଫେରିଲେ ଓଡ଼ିଆ ଯୁବକ



ଭୁବନେଶ୍ୱର,୨୬/୭ (ନି.ପ୍ର): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ କତାରରୁ ଫେରିଲେ ଓଡ଼ିଆ ଯୁବକ ଶରତ କୁମାର ସେଠୀ । ଶରତଙ୍କୁ ଭାରତ ଫେରାଇ ଆଣିବାରେ ସହଯୋଗ କରିବା ପାଇଁ କତାରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ପତ୍ର ଲେଖି ନିବେଦନ କରିଥିଲେ ଶ୍ରୀ ପଣ୍ଡା । ଏହା ପରେ ରବିବାର ସକାଳେ ଶରତ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲେ ।

ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଚଣ୍ଡିଆ ଗାଁର ଶରତ କତାରର ଦୋହାରେ ଏକ ଘରୋଇ କମ୍ପାନୀରେ ତିନି-ଚାରି ମାସ ହେବ କାମ କରୁଥିଲେ । ତେବେ ତାଙ୍କ ପତ୍ନୀ ଗୁରୁତର ରୋଗରେ ପୀଡ଼ିତ ହୋଇଥିବା ନେଇ ଜାଣିବା ପରେ ସେ ଘରକୁ ଫେରି ଆସିବା ପାଇଁ ଚାହିଁଥିଲେ । ଏ ନେଇ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କୁ ସହଯୋଗ କରିବା ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇ ଚାଲିଥିଲେ ।

ଶେଷରେ ଅନ୍ୟ କୌଣସି ଉପାୟ ନପାଇ ଶରତଙ୍କ ପତ୍ନୀ ସରିକାଲତା ସେଠୀ ବିଜେପି ନେତା ମାଧବାନନ୍ଦ ମଲ୍ଲିକଙ୍କ ଜରିଆରେ ବୈଜୟନ୍ତ ପଣ୍ଡାଙ୍କୁ ଏ ବିଷୟରେ ଅବଗତ କରାଇଥିଲେ । ଏହା ପରେ ଶ୍ରୀ ପଣ୍ଡା କତାରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଚିଠି ଲେଖି ଶରତଙ୍କୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ଦୂତାବାସ ଅଧିକାରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବା ପରେ ଶରତ ଭାରତ ଫେରିଥିଲେ ।

# ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୨୬/୭ (ନି.ପ୍ର): ଡାକ୍ତରଙ୍କୁ ଆକ୍ରମଣ । ପୂର୍ବ ଜମିବାଡ଼ି ଶତ୍ରୁତାକୁ କେନ୍ଦ୍ର କରି ତଳେ ପକାଇ ଆକ୍ରମଣ କରିଛନ୍ତି । ଅବସର ଗ୍ରହଣ କରିବା ପରେ ବାଲିପାଟଣା ସିଏଚସିରେ ଚୁକ୍ତିଭିତ୍ତିକ ଡାକ୍ତର ରଜନୀକାନ୍ତ ଦାସଙ୍କୁ ଟଙ୍କା ପାଇଁ ଆକ୍ରମଣ ହୋଇଛି । ଗତ ୨୩ତାରିଖରେ ତାଙ୍କ ଘରେ ଚାକର ଘର ସଫେଇ କରୁଥିଲେ । ଏହି ସମୟରେ ଘର ପଛପଟେ ରହୁଥିବା ଜଣେ ଯୁବକ ଅତର୍କିତ ମାଡିଆସିଥିଲା । ଯୁବକ ଜଣକ ଡାକ୍ତରଙ୍କୁ ପିଟିବା ସହ ତଳେ ପକାଇ ବାଡ଼େଇ ଥିଲେ । ସିସିଟିଭିରେ ସବୁ ଦୃଶ୍ୟ କଏଦ ହୋଇଛି । ଏନେଇ ଧଉଳି ଥାନାରେ ଏତଲା ହୋଇଛି । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଅଭିଯୋଗ ହୋଇଛି ।



# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୬୩୭ ଜଣ କରୋନା ପଜିଟିଭ ଚିହ୍ନଟ: ଖୋର୍ଦ୍ଧାରୁ ସର୍ବାଧିକ ୩୫୦

ଭୁବନେଶ୍ୱର,୨୬/୭ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୬୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୯୪୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୬୮୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୫୦ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୦୦ ଜଣ, ବାଲେଶ୍ୱରରୁ ୫୭ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୭୧ ଜଣ, ବଲାଙ୍ଗୀରରୁ ୮ ଜଣ, ବୌଦ୍ଧରୁ ୯, କଟକରୁ ୨୫୦ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୫୦ ଜଣ, ଗଜପତିରୁ ୧୬ ଜଣ, ଗଞ୍ଜାମରୁ ୧୬ ଜଣ, ଜଗତସିଂହପୁରରୁ ୮୫ ଜଣ, ଯାଜପୁରରୁ ୮୦ ଜଣ, ଝାରସୁଗୁଡ଼ାରୁ ୬ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳରୁ ୩୬ ଜଣ, କେନ୍ଦ୍ରାପଡ଼ାରୁ ୭୬ ଜଣ, କେଉଁଝରରୁ ୧୮ ଜଣ, ଖୋର୍ଦ୍ଧାରୁ ୩୫୦ ଜଣ, କୋରାପୁଟରୁ ୯ ଜଣ, ମାଲକାନଗିରିରୁ ୯ ଜଣ, ମୟୁରଭଞ୍ଜରୁ ୭୫ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ରୁ ୩୯ ଜଣ, ନୂଆପଡ଼ାରୁ ୧୪, ପୁରୀରୁ ୭୮ ଜଣ, ରାୟଗଡ଼ାରୁ ୧୪ ଜଣ, ସମ୍ବଲପୁରରୁ ୧୩ ଜଣ, ସୋନପୁରରୁ ୧୧, ସୁନ୍ଦରଗଡ଼ରୁ ୬୧ ଓ ଷ୍ଟେଟ ପୁଲରୁ ୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୯,୬୯, ୧୮୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୯, ୪୫, ୧୭୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୮,୩୮୧ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଦୈନିକ କେତେ ଜୀବନ ନେଉଛି କୋଭିଡ୍ ? : ତଥ୍ୟ ନଦେଇ ଗୋଳାଉଛନ୍ତି ସରକାର !



ଭୁବନେଶ୍ୱର ,୨୬/୭ (ନି.ପ୍ର): ଓଡ଼ିଶାରେ ପ୍ରତିଦିନ ମହାମାରୀ କରୋନା କେତେ ଜୀବନ ନେଉଛି ? ଏ ନେଇ ରାଜ୍ୟ ସରକାର ସ୍ପଷ୍ଟ କରୁନଥିବା ବେଳେ ସାଧାରଣ ଲୋକଙ୍କ ମନରେ ନାନା ସନ୍ଦେହ ପ୍ରକାଶ ପାଉଛି । ରାଜ୍ୟ ସରକାର ପ୍ରକାଶ କରୁଥିବା ମୃତ୍ୟୁ ତଥ୍ୟ ବି ଏବେ ସନ୍ଦେହ ଜନକ । କାରଣ ପ୍ରତିଦିନ ପ୍ରକାଶ ପାଉଥିବା ରିପୋର୍ଟରେ ପିଛିଲା ଦିନ (ଗତ କାଲି)ର ମୃତ୍ୟୁ ତଥ୍ୟ ରହିବା କଥା । କିନ୍ତୁ ରାଜ୍ୟ ସରକାର ତାହା ନକରି ଗୋଲମାଳିଆ ପରିସ୍ଥିତି ସୃଷ୍ଟି କରିଛନ୍ତି । ଅଡିଟର ବାହାନା ବା ଅନ୍ୟ କିଛି କାରଣ ଦର୍ଶାଇ ଦୈନିକ ବଦଳରେ ପିଛିଲା ରିପୋର୍ଟ ଦେଉଛନ୍ତି ସରକାର । ଯେଉଁଥିପାଇଁ ଏବେ ଦୈନିକ ମୃତ୍ୟୁ ସଂଖ୍ୟାକୁ ନେଇ ସାଧାରଣ ଲୋକଙ୍କ ମନରେ ଏକ ଆଜି ଦ୍ୱନ୍ଦ୍ୱ ଉପୁଜିଛି । ତେବେ ଏଠି ସାଧାରଣରେ ପ୍ରଶ୍ନ ଉଠୁଛି ରାଜ୍ୟରେ ପ୍ରତିଦିନ କରୋନାରେ କେତେ ଲୋକ ଆଖି ବୁଜୁଛନ୍ତି ? ଏହାର ସ୍ପଷ୍ଟୀକରଣ ଦେବେ କି ସରକାର ?

ରାଜ୍ୟରେ କରୋନା ସଂକ୍ରମଣ ଏବେ ଦୁର୍ବଳ ହୋଇଛି । ସରକାରଙ୍କ ତଥ୍ୟ ଅନୁଯାୟୀ ଏପ୍ରିଲ-ମେ ତୁଳନାରେ ସଂକ୍ରମିତ ସଂଖ୍ୟା ଏବେ ବହୁତ କମିଛି । ଅଗଷ୍ଟ ୧ ପର୍ଯ୍ୟନ୍ତ କରୋନା କଟକଣା କ୍ୟାଟେଗୋରୀ-ଏ'ରେ ୨୦ଟି ଓ କ୍ୟାଟେଗୋରୀ-ବି'ରେ ୧୦ଟି ଜିଲ୍ଲା ରହିଛନ୍ତି । କ୍ୟାଟେଗୋରୀ-ବି'ରେ ମୁଖ୍ୟତଃ ସଂକ୍ରମିତ ହାର ଅଧିକ ରହିଥିବାରୁ ଏଠାରେ କରୋନା କଟକଣା ଅଧିକ ରହିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା ଏବେ ପୂର୍ବଭଳି ଗୁରୁତର ରୋଗୀ ହସ୍ପିଟାଲରେ ନାହାନ୍ତି । ସେହିପରି ପୂର୍ବ ଭଳି ମୃତ୍ୟୁ ସଂଖ୍ୟା ନାହିଁ କି ସଂକ୍ରମିତଙ୍କ ସଂଖ୍ୟା ନାହିଁ । ତେଣୁ ଅନେକ ସ୍ଥାନରେ ସରକାରୀ କୋଭିଡ ସେଣ୍ଟର ବନ୍ଦ କରିବେ ବୋଲି ସରକାର ଘୋଷଣା କରିସାରିଛନ୍ତି । ହେଲେ ସରକାର ଯେଉଁ ମୃତ୍ୟୁ ରିପୋର୍ଟ ପ୍ରତିଦିନ ଜାରି କରୁଛନ୍ତି ତାହା ଏବେ ଚିନ୍ତା ଜନକ । ସୋମବାର ସରକାରଙ୍କ ଦ୍ୱାରା ଦିଆଯାଇଥିବା କରୋନାରେ ପ୍ରାଣ ହରାଇଥିବା ସଂଖ୍ୟା ୬୨ ଦିଆଯାଇଛି । ରବିବାର ଏହି ସଂଖ୍ୟା ୬୭ ଥିଲା ଏବଂ ଶନିବାର ୬୮ ଥିଲା । ତିନି ଦିନର ତଥ୍ୟ କହୁଛି ପ୍ରାୟତଃ ୬୦ ଉପରେ ଦୈନିକ କୋଭିଡ ମୃତ୍ୟୁ ରିପୋର୍ଟ ଅଡିଟ୍ କରି ସରକାର ଜାରି କରୁଛନ୍ତି । ପୂର୍ବରୁ ହୋଇଥିବା ମୃତ୍ୟୁର ଅଡିଟ୍ କରାଯାଇ ପାରିନଥିଲା । କାରଣ ସେତେବେଳେ ହସ୍ପିଟାଲରେ ଗହଳି ଅଧିକ ଥିଲା । ଏବେ ପିଛିଲା ମୃତ୍ୟୁ ରିପୋର୍ଟକୁ ଅଡିଟ୍ କରାଯାଇ ଜାରି କରାଯାଉଛି ।

ରାଜ୍ୟରେ ଏହି ମୃତ୍ୟୁ ସଂଖ୍ୟାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୋକଙ୍କ କହିବା କଥା ଏବେ ହସ୍ପିଟାଲରେ ଗୁରୁତର ରୋଗୀଙ୍କ ସଂଖ୍ୟା ଯଦି କମିଛି ତା'ହେଲେ ପ୍ରତିଦିନ କୋଭିଡରେ କେତେ ପ୍ରାଣ ହରାଉଛନ୍ତି ରିପୋର୍ଟ ଜାରି କରିବାରେ ଅସୁବିଧା କେଉଁଠି ? ମହାରାଷ୍ଟ୍ର ଭଳି ବଡ଼ ରାଜ୍ୟ ଯଦି ବିଗତ ୨୪ ଘଣ୍ଟାରେ ମୃତ୍ୟୁ ରିପୋର୍ଟ ଜାରି କରିପାରୁଛି ତାହେଲେ ଓଡ଼ିଶା ଭଳି ରାଜ୍ୟରେ ଅସୁବିଧା କେଉଁଠି ?

ରାଜ୍ୟରେ ଏବେ ସହର ଗୁଡ଼ିକରେ ଅଧିକ ଲୋକ ଟିକା ନେଇ ସାରିଲେଣି । କିନ୍ତୁ ଏହା ପରେ ବି ଲୋକେ ସଂକ୍ରମିତ ହେଉଛନ୍ତି । ଯଦି ସରକାର ଯେଉଁ କୋଭିଡ ମୃତ୍ୟୁ ରିପୋର୍ଟ ଜାରି କରୁଛନ୍ତି ସେଥିରେ କେଉଁ ଦିନ କେତେ ଆଖି ବୁଜିଛନ୍ତି ଉଲ୍ଲେଖ କରନ୍ତେ ତାହେଲେ କୋଭିଡରେ ଦୈନିକ ମୃତ୍ୟୁ ସଂଖ୍ୟା ଜଣାପଡ଼ିଥାନ୍ତା । ଏବେ କୋଭିଡରେ ସଂକ୍ରମିତ ହେବା ଯେତିକି ଗୁରୁତ୍ୱ ନୁହେଁ କେତେ ଜଣ ମୃତ୍ୟୁ ବରଣ କରୁଛନ୍ତି ତାହା ଗୁରୁତ୍ୱ । ସରକାର ଯଦି ସଂକ୍ରମିତ ଏବଂ ଆରୋଗ୍ୟ ସଂଖ୍ୟା ବିଗତ ୨୪ ଘଣ୍ଟା ଜାରି କରିପାରୁଛନ୍ତି ତାହେଲେ ମୃତ୍ୟୁ ସଂଖ୍ୟା ଜାରି କରିବାରେ ଅସୁବିଧା କେଉଁଠି ?

ସୂଚନାଯୋଗ୍ୟ, ନିକଟରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ସରକାରଙ୍କୁ କୋଭିଡ୍ ମୃତ୍ୟୁ ରିପୋର୍ଟ ଜାରି କରିବାକୁ କହିଛନ୍ତି । କୋର୍ଟଙ୍କ ଏପରି ନିର୍ଦ୍ଦେଶ ପରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଆଦି ରାଜ୍ୟ ଥରେ ଦୁଇ ଥରରେ ପିଛିଲା କୋଭିଡ୍ ମୃତ୍ୟୁ ରିପୋର୍ଟ ଜାରି କରିଛନ୍ତି । ତେଣୁ ଏବେ ଏହି ସବୁ ରାଜ୍ୟରେ କୋଭିଡ ମୃତ୍ୟୁ ସଂଖ୍ୟା ପୂର୍ବ ତୁଳନାରେ କମ୍ ରହିଛି । ଜୁଲାଇ ୨୫ରେ ମହାରାଷ୍ଟ୍ରରେ ବିଗତ ୨୪ ଘଣ୍ଟାରେ ୨୨୪ ଜଣଙ୍କର ମୃତ୍ୟୁ ହୋଇଥବା ଜଣାପଡ଼ିଥିବା ବେଳେ ଦିଲ୍ଲୀରେ ଦୁଇ ଜଣଙ୍କର ବିଗତ ୨୪ ଘଣ୍ଟାରେ ମୃତ୍ୟୁ ଘଟିଥିବା ଟାଇମ୍ସ ଅଫ୍ ଇଣ୍ଡିଆ ଏବଂ ଏନଡିଟିଭି ରିପୋର୍ଟରେ ଉଲ୍ଲେଖ ରହିଛି । ହେଲେ ଓଡ଼ିଶା ସରକାର ଯେଉଁ କୋଭିଡ ମୃତ୍ୟୁ ରିପୋର୍ଟ ଜାରି କରୁଛନ୍ତି ସେଥିରେ ଦୈନିକ ମୃତ୍ୟୁ ସଂଖ୍ୟା ସ୍ପଷ୍ଟ ହୋଇପାରୁନି । କରୋନା ପରିଚାଳନାରେ ଓଡ଼ିଶାକୁ ଦେଶରେ ସର୍ବାଗ୍ରେ ରଖିବାକୁ ଯାଇ ମୃତ୍ୟୁ ସଂଖ୍ୟାକୁ ଗୋଳଉଛନ୍ତି କି ସରକାର ?

## ମହିଳାଙ୍କ ନିକଟରୁ ମୋବାଇଲ ଓ ଟଙ୍କା ଛିନତାଇ : ୨ ଅଭିଯୁକ୍ତ କୋର୍ଟ ଚାଲାଣ

ବାରିପଦା,୨୬/୦୭ (ନି.ପ୍ର): ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଥିବା ରୋଗ ନିଦାନ କେନ୍ଦ୍ର ସମ୍ମୁଖରୁ ଜୁଲାଇ ୨୨ ଅପରାହ୍ନ ୩.୪୫ ସମୟରେ ମୟୂରଭଞ୍ଜ ଜିଲ୍ଲା ଝାରପୋଖରୀଆ ଅଞ୍ଚଳର ବିନୋଦ ବିହାରୀ ଦାସଙ୍କ ସ୍ତ୍ରୀ କଳ୍ପନା ଦଣ୍ଡପାଟଙ୍କ ହାତରେ ଧରିଥିବା ମୋବାଇଲ ଓ ୨ ହଜାର ଟଙ୍କାକୁ ଦୁଇ ଜଣ ଯୁବକ ଛଡ଼ାଇ ନେଇ ଯାଇଥିଲେ । ଏବିଷୟରେ କଳ୍ପନା ବାରିପଦା ଟାଉନ ଥାନାରେ ଜୁଲାଇ ୨୩ରେ ଅଭିଯୋଗ କରିବା ପରେ ଥାନାରେ କେଶ ନମ୍ବର ୬୬୮/୨୦୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ଉକ୍ତ ମାମଲାରେ ପୁଲିସ ବାରିପଦା ସହରର ୱାର୍ଡ଼ ନମ୍ବର ୭ ମଧୁବନ ଅଞ୍ଚଳର ସରୋଜ କୁମାର ଦଳେଇ(୩୧) ଓ ତାଙ୍କ ସହଯୋଗୀ ୱାର୍ଡ଼ ନମ୍ବର ୧୬ ବାଘଡ଼ାରୋଡ଼ ଅଞ୍ଚଳର ପଦୁ ଓରଫ ପଦ୍ମଲୋଚନ ପାତ୍ର(୩୨)ଙ୍କୁ ଗିରଫ କରିବା ସହ ଛିନ୍ନତାଇ ହୋଇଥିବା ମୋବାଇଲକୁ ମଧ ଜବତ କରିଛି । ଏହାପରେ ଅଭିଯୁକ୍ତ ଦୁଇ ଜଙ୍କର ଡ଼ାକ୍ତରୀ ପରୀକ୍ଷା କରାଯିବା ପରେ ବାରିପଦା ଏସଡ଼ିଜେଏମଙ୍କ ଅଦାଲତରେ ୨୪ ତାରିଖ ହାଜର କରାଯାଇଥିବାର ଜଣା ଯାଇଛି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୪ ଗିରଫ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୪ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୧୬ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୬୨,୧୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ‘କ୍ୟୁବା’ ପ୍ରତି ଆମେରିକାର ଆର୍ଥିକ ବାସନ୍ଦକୁ ନିନ୍ଦା

## କ୍ୟୁବା ସଂହତି ଅଭିଯାନ ପକ୍ଷରୁ ପ୍ରତିବାଦ ସଭା

ବାଲେଶ୍ୱର,୨୬/୦୭ (ନି.ପ୍ର): ସମାଜବାଦୀ ରାଷ୍ଟ୍ର କ୍ୟୁବା ବିରୋଧରେ ସାମ୍ରାଜ୍ୟବାଦୀ ଆମେରିକାର ଅର୍ଥନୈତିକ ବାସନ୍ଦ ଘୋଷଣାକୁ ‘କ୍ୟୁବା ସଂହତି ଅଭିଯାନ’ ବାଲେଶ୍ୱର ଶାଖା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବିଚାରଗଞ୍ଜ ଛକଠାରେ ଏକ ପଥପ୍ରାନ୍ତ ପ୍ରତିବାଦ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭିନ୍ନ ଗଣ ସଂଗଠନ, ସାମାଜିକ ସଂଗଠନ ପକ୍ଷରୁ ଶିଶିର ହୁଇ, ଭାଗବତ ପ୍ରତିହାରୀ, ରବୀନ୍ଦ୍ର ବେହେରା ଓ ବିଜୟ ପାତ୍ର ପ୍ରମୁଖ ଯୋଗଦେଇ କ୍ୟୁବା ଉପରେ ଆମେରିକାର ଦାଦାଗିରିକୁ ଦୃଢ଼ ବିରୋଧ ସହ କ୍ୟୁବାର ସମାଜବାଦୀ ସଂଗ୍ରାମକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଗତ ୧୯୫୯ ମସିହାରୁଏକ ସ୍ୱାଧୀନ ସମାଜବାଦୀ ରାଷ୍ଟ୍ର ଭାବେ ପ୍ରତିଷ୍ଠା ଲାଭ କରିବା ପରେ ପରେ କ୍ୟୁବା ଦାରିଦ୍ର୍ୟ, ବେକାରୀ ଓ ଦରଦାମ ବୃଦ୍ଧିକୁ ସଠିକ ଭାବେ ମୁକାବିଲା କରିପାରିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ପରି ମୌଳିକ ସୁବିଧାଗୁଡ଼ିକୁ ପ୍ରଦାନ ପାଇଁ କ୍ୟୁବା ଜନଗଣ ଉଦ୍ୟମ କରୁଛନ୍ତି। ଚଳିତ କରୋନା ମହାମାରୀ ସମୟରେ ଡାକ୍ତର ଓ ଔଷଧ କ୍ୟୁବା ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ସହାୟତା ପ୍ରଦାନ କରିଛି ବୋଲି ବକ୍ତାମାନେ କହିଥିଲେ। ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ କ୍ୟୁବା ଏକ ଛୋଟ ରାଷ୍ଟ୍ର ହୋଇଥିବାରୁ ଆମେରିକା କ୍ୟୁବାକୁ ଅର୍ଥନୈତିକ ଅବରୋଧ କରି ସାର୍ବଭୌମତ୍ୱ ପ୍ରତି ସର୍ବଦା ବିପଦ ସୃଷ୍ଟି କରୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଭାରତ ସରକାର ଓ ଆମ ଦେଶର ଗଣତନ୍ତ୍ରପ୍ରେମୀ ତଥା ସ୍ୱାଧୀନଚେତା ବୁଦ୍ଧିଜୀବୀମାନେ କ୍ୟୁବା ଜନସାଧାରଣଙ୍କୁ ନୈତିକ ସମର୍ଥନ ଜଣାଇବାକୁ ଏହି ସଭାରେ ବକ୍ତାମାନେ ନିବେଦନ କରିଥିଲେ।ଏହି ପଥପ୍ରାନ୍ତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ରାଜକିଶୋର ଲେଙ୍କା, ବିକାଶ ଦାସ, ନିକୁଞ୍ଜ ବସନ୍ତ ରାୟ, ନିର୍ମଳ ନାୟକ, ବେଣୁଧର ବାରିକ, ଜତିନ୍ ପାତ୍ର, ଶରତ ଦଳାଇ, ଉମାକାନ୍ତ ଦାସ, ନନ୍ଦରାୟ ଚୌଧୁରୀ, ଶୁଭମ୍ ଦାସ, ଶଶିକାନ୍ତ ବେହେରା ଓ ଉମାକାନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ୟୁବା ସପକ୍ଷରେ ଓ ଆମେରିକା ବିରୋଧୀ ନାରାବାଜି କରିଥିଲେ। ଶ୍ୟାମସୁନ୍ଦର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭୂମିହୀନ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ପାଇଁ ଗୁହାରି



ବାଲେଶ୍ୱର,୨୬/୦୭ (ନି.ପ୍ର): ବାଲେଶ୍ୱର ସହର ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଭୂମିହୀନ ଗରିବ ପରିବାରଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ସ୍ୱେଚ୍ଛାସେବୀ ସଂଗଠନ ‘ଜାଗ୍ରତ ନାରୀ ସଂଗଠନ’ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜାଗ୍ରତ ନାରୀ ସଂଗଠନର ସଭାନେତ୍ରୀ ମମତା ଦାସଙ୍କ ନେତୃତ୍ୱରେ ସହର ତଳି ରେମୁଣା ଓ ସଦର ବ୍ଲକ ଅଞ୍ଚଳର ଶତାଧିକ ପରିବାର ସୋମବାର ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ଭୂମିହୀନ ଭାବେ ସେମାନେ ଦୀର୍ଘଦିନ ଧରି ସରକାରୀ ଜାଗାରେ ରହି ଆସୁଛନ୍ତି। ମାତ୍ର ଘରଡିହ ପଟ୍ଟା ନଥିବ ଯୋଗୁଁ ସେମାନଙ୍କ ପିଲାପିଲିଙ୍କ ପାଠପଢ଼ା ପାଇଁ ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦି ମିଳିପାରୁ ନାହିଁ। ସେହିପରି ଜମିପଟ୍ଟା ନ ରହିବା କାରଣରୁ ସମ୍ପୃକ୍ତ ପରିବାରମାନେ ଆବାସ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ସରକାରଙ୍କ ଭୂମିହୀନଙ୍କୁ ଜମି ଅଧିକାର ନିୟମ ଭିତ୍ତିରେ ଗରିବ ଭୂମିହୀନଙ୍କୁ ଘରଡିହ ପଟ୍ଟା ମିଳିଥିବା ବେଳେ ଏବେ ବି ବହୁ ପରିବାର ପଟ୍ଟା ପାଇଁ ଆବେଦନ କରିଛନ୍ତି। ସେମାନଙ୍କୁ ଆବେଦକୁ ଗୁରୁତ୍ୱ ଦେଇ ସେମାନଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ ଦିଗରେ ଉଚିତ ପଦକ୍ଷେପ ନେବାକୁ ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ନବେଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଏକ ନିବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଆବାସ ହିତାଧିକାରୀ ତାଲିକା ଅନିୟମିତତା ନେଇ ଜିଲ୍ଲାପାଳଙ୍କଠାରେ ଫେରାଦ

ବାଲେଶ୍ୱର,୨୬/୦୭ (ନି.ପ୍ର): ଆବାସ ଯୋଜନା ହିତାଧିକାରୀ ତାଲିକାରେ ଅନିୟମିତତା ହୋଇଥିବା ଅଭିଯୋଗରେ ରସଲପୁର ପଞ୍ଚାୟତବାସୀ ଆଜି ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ତାଲିକା ପ୍ରସ୍ତୁତିରେ ପାତରଅନ୍ତର କରାଯାଇଥିବା ସେମାନେ ଆରୋପ ଉଠାଇଛନ୍ତି।ଏହି ତାଲିକାରେ ସ୍ୱଚ୍ଛଳବର୍ଗର ଲୋକଙ୍କ ନାମ ଥିବା ବେଳେ ପ୍ରକତରେ ଗରିବ ତଥା ଯୋଗ୍ୟ ପରିବାରକୁ ବାଦ ଦିଆଯାଇଥିବା ଗ୍ରାମବାସୀମାନେ କହିଛନ୍ତି। ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାଟିକାନ୍ଥ ଓ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହୁଥିବା ପରିବାରଙ୍କୁ ତୁରନ୍ତ ତାଲିକାଭୁକ୍ତ ପାଇଁ ସେମାନେ ଦାବି କରିଛନ୍ତି। ସପ୍ତାହେ ମଧ୍ୟରେ ଉଚିତ ପଦକ୍ଷେପ ନିଆ ନ ଗଲେ ଆସନ୍ତା ୪ ତାରିଖରେ ରସଲପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଗଣ ଧାରଣାରେ ବସିବେ ବୋଲି ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗୋଟିଏ ଦିନରେ ୧୬୩୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୬୩୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୬୧୮୫ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୪୫୧୭୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୮୩୮୧ ରହିଛି । ଆଜି ଚିହ୍ନଟ ହୋଇଥିବା ୧୬୩୭ ଜଣଙ୍କ ମଧ୍ୟରୁ ୯୪୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୮୮ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୫୦ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୭ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୭୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୯, କଟକରୁ ୨୫୦, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୦ଜଣ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୫ ଜଣ, ଯାଜପୁରରୁ ୮୦ ଜଣ, ଝାରସୁଗୁଡ଼ାରୁ ୦୬ ଜଣ, କଳାହାଣ୍ଡିରୁ ୭ ଜଣ, କନ୍ଧମାଳ ଜିଲ୍ଲାରୁ ୩୬ ଜଣ. କେନ୍ଦ୍ରାପଡ଼ାରୁ ୭୬ ଜଣ, କେନ୍ଦୁଝରରୁ ୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୫୦ ଜଣ, କୋରାପୁଟରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୭୫ ଜଣ, ନବରଙ୍ଗପୁରରୁ ୯ ଜଣ, ନୟାଗଡ଼ରୁ ୩୯ ଜଣ ଚିହ୍ନଟ ହୋଇଥିବା ବେଳେ ନୂଆପଡ଼ାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀରୁ ୭୮ ଜଣ, ରାୟଗଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୩ ଜଣ, ସୋନପୁରରୁ ୧୧ ଜଣ, ସୁନ୍ଦରଗଡ଼ରୁ ୬୧ ଜଣ ଓ ଷ୍ଟେଟ୍ ପୁଲରୁ ୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପୁଣି ସୀମା ଡେଇଁଲା....

ମାଉଣ୍ଟସଜ୍ଜନ, ଡୁମଚେ ଲେ ଏବଂ ଚୁନାର ମୋଟ୍ ୧୨ ଟିବିବାଦୀୟ କ୍ଷେତ୍ରରେ ଉଭୟ ଦେଶର ସେନା ନିଜ ଆଧିପତ୍ୟ ଜାହିର କରିବେ ନାହିଁ ବୋଲି ସ୍ଥିର ହୋଇଥିଲା । ହେଲେ ଏହି ୧୨ଟି କ୍ଷେତ୍ରକୁ ଛାଡିକି ଲଦାଖରେ ମଧ ଭାରତୀୟ ସୀମା ପାର ହୋଇ ସେନାଙ୍କ ଗତିରୋଧ କରିଥିଲା ଚୀନ । ଫଳରେ ଲଦାଖରେ ଆହୁରି ୫ଟି କ୍ଷେତ୍ରକୁ ଡିସପ୍ୟୁଟ ପଏଣ୍ଟ ଭାବେ ତାଲିକାରେ ଅନ୍ତର୍ଭୁକ୍ତ କରାଗଲା । ପୂର୍ବ ଲଦାଖରେ ଗତ ୨୦୨୦ ମେ ମାସରୁ ଦୁଇ ଦେଶର ସେନା ମୁହାଁମୁହିଁ ପରିସ୍ଥିତିରେ ରହିଛନ୍ତି । ସୀମା ବିବାଦକୁ ନେଇ ସୋମବାର ଭାରତ ଓ ଚୀନମଧରେ ୧୨ତମ କମାଣ୍ଡର ସ୍ତରୀୟ ବୈଠକ ହେବାର ଥିଲା । ମାତ୍ର ୨୬ ଜୁଲାଇ କାରଗିଲ ବିଜୟ ଦିବସ ଭାବେ ଭାରତୀୟ ସେନାର ଏକ ଖାସ ଦିନ ଥିବାରୁ ଏହି ବୈଠକକୁ କିଛି ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି । ଯାହା ଅଗଷ୍ଟ ପ୍ରଥମ ସପ୍ତାହରେ ହୋଇପାରେ ବୋଲି ସୂଚନା ମିଳିଛି ।

### କରୋନା କଟକଣା ଭିତରେ....

ଶିକ୍ଷକ- ଶିକ୍ଷୟତ୍ରୀ । ତେବେ ପ୍ରଥମ ଦିନ ସ୍କୁଲ ଖୋଲିଥିବାରୁ କେତେ ପିଲା ଆସିଛନ୍ତି, କେମିତି ରହିଛି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରସ୍ତୁତି ? ବିଭିନ୍ନ ସ୍କୁଲକୁ ଯାଇ ସେସବୁର ଅନୁଧ୍ୟାନ କରିଥିଲେ ଗଣଶିକ୍ଷାମନ୍ତ୍ରୀ । ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ଏହି ପାଠପଢ଼ା ଠିକଠାକ୍ ଚାଲିଲେ, ସେପଟ୍ଟେମ୍ବର ୧୫ରେ ନବମ ଓ ଏକାଦଶ ଶ୍ରେଣୀ ଖୋଲିବା ପାଇଁ ଲକ୍ଷ୍ୟ ରଖିଛି ଗଣଶିକ୍ଷା ବିଭାଗ ।

### ଫେରିଲେ ଅଲିମ୍ପିକ୍ସ ପଦକ ବିଜୟୀନି ....

୨୦୨ କେଜି ଭାର ଉଠାଇଥିଲେ । ଏହା ପୂର୍ବରୁ କର୍ଣ୍ଣମ ମାଲେଶ୍ୱରୀ ୨୦୦୦ ମସିହାର ସିଡନୀ ଅଲିମ୍ପିକ୍ସରେ ଦେଶକୁ ପ୍ରଥମ ମହିଳା ଭାରୋତଳନ ପଦକ ଦେଇଥିଲେ । ଟୋକିଓରେ ଭାରତର ଟେକ ରଖିଥିବା ଚାନୁଙ୍କ ଏହି ସଫଳତା ପରେ ସାରା ଦେଶ ସମେତ ତାଙ୍କ ପରିବାରରେ ଖେଳି ଯାଇଛି ଖୁସିର ପରିବେଶ । ମୀରାବାଇ ଚାନୁଙ୍କୁ ଚୀନ ପ୍ରତିପକ୍ଷ ଭାରତୋଳନରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଇଣ୍ଡୋନେସିଆ ପ୍ରତିଦ୍ୱନ୍ଦୀ ବ୍ରୋଂଜ୍ ପଦକ ଜିତିଥିଲେ ।

### ଧର୍ମେନ୍ଦ୍ରଙ୍କୁ ଦିଆଗଲା ପର୍ଯ୍ୟବେକ୍ଷକ....

ଇସ୍ତଫା ଦେବା ପାଇଁ ତାଙ୍କ ଉପରେ ବିଜେପିର କେନ୍ଦ୍ରୀୟ ନେତାଙ୍କ ପକ୍ଷରୁ ଚାପ ପଡୁଥିଲା ବୋଲି କୁହାଯାଉଛି । ହେଲେ ଏ ସବୁ ଭିତରେ ୟେଦିରପ୍ପାଙ୍କ ପରେ କିଏ କର୍ଣ୍ଣାଟକର ମଙ୍ଗ ଧରିବ ତାହା ଏକ ବଡ଼ ପ୍ରଶ୍ନ । କର୍ଣ୍ଣାଟକର ୪ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ୟେଦିୟୁରପ୍ପା କର୍ଣ୍ଣାଟକ ରାଜନୀତିର ଜଣେ ପୁରୁଖା ଓ ହେଭିୱେଟ ନେତା । କର୍ଣ୍ଣାଟକରେ ବିଜେପିକୁ ଶାସନକୁ ଆଣିବାକୁ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ତେଣୁ ୟେଦିୟୁରପ୍ପାଙ୍କ ଇସ୍ତଫା ଘୋଷଣା ପରେ ରାଜ୍ୟର ରାଜନୀତିରେ କିଛି ବଡ଼ ଧରଣର ସମୀକରଣ ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଯାଇନପାରେ ।

## ସ୍ୱାଧୀନତା ଦିବସ-୨୦୨୧ ପାଳନ ସଂପର୍କରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୬/୦୭(ନି.ପ୍ର): ଚଳିତ ବର୍ଷ ୭୫ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ କୋଭିଡ୍ ମାର୍ଗଦର୍ଶିକା ମଧ୍ୟରେ ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ । ଆଜି ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୧ ପାଳନର ରୂପରେଖ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ କରାଯାଇ ସ୍ୱଳ୍ପସଂଖ୍ୟକ ଅତିଥି, କୋଭିଡ୍ ଯୋଦ୍ଧା, ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ସ୍ୱାଧୀନତା ଦିବସ ଆୟୋଜିତ ହେବ । ସ୍ୱାଧୀନତା ଦିବସ ଆମ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ଗୁରୁତ୍ୱ ଦେଇଥିଲେ । ଗୃହ ବିଭାଗ ଦ୍ୱାରା ଚିହ୍ନଟ ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥି ଓ କୋଭିଡ୍ ଯୋଦ୍ଧାଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ ବିଷୟରେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ । ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ ଡିସିପି, ଭୁବନେଶ୍ୱର ପରିଚାଳନା କରିବେ । ପୂର୍ବବର୍ଷ ପରି ନୂଆଦିଲ୍ଲୀ, କୋଲକାତା, ଚେନ୍ନାଇ, ମୁମ୍ବାଇଠାରେ ବିଭାଗ ପକ୍ଷରୁ ଉତ୍ସବ ପାଳନ କରାଯିବ । ସେହିପରି ଆଁଡିସି ଜୋନ୍, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ କୋଭିଡ୍ ନିୟମାବଳୀ ମଧ୍ୟରେ ସ୍ୱାଧୀନତା ଦିବସ ପାଳନ କରାଯିବ । ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ, ବୈଷୟିକ ନିର୍ଦ୍ଦେଶକ ଶ୍ରୀ ନିରଞ୍ଜନ ସେଠୀ, ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସଂପାଦକ ଡ. ଲେନିନ୍ ମହାନ୍ତି, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରମୋଦ କୁମାର ମଲ୍ଲିକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର କୁମାର ପରିଡ଼ା ଏବଂ ଉପନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପୌରପାଳିକାର ଗୃହହୀନଙ୍କ ଥଇଥାନକୁ ନହଞ୍ଜରାବାସୀଙ୍କ ବିରୋଧ

ଜଳେଶ୍ୱର, ୨୬/୭(ନିପ୍ର) : ଜଳେଶ୍ୱର ପୌରପାଳିକାର ୧୫ନଂ ୱାର୍ଡ ନହଞ୍ଜରାରେ ଥିବା ଏକ ସର୍ବସାଧାରଣ ସ୍ଥାନରେ ଗୃହହୀନ ଲୋକଙ୍କୁ ଥଇଥାନ କରିବାର ସରକାରୀ ସିଦ୍ଧାନ୍ତକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଆଜି ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ପୌରଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଜଳେଶ୍ୱର ମ୍ୟୁନିସିପାଲଟିର ଭୂମୀହିନ ଓ ଗୃହହୀନ ଲୋକଙ୍କୁ ଥଇଥାନ ଲାଗି ନହଞ୍ଜରା ଗ୍ରାମର ଖାତା ନଂ ୩୪୩ ଓ ଖସଡା ନଂ ୩୭୫ ମୋଟ ୧୧ଏକର ୮୦ ଡିସିମିଲ ସ୍ଥାନ ପଡି ରହିଛି । ଏହା ୨୦୦୯ ମସିହା ପର୍ଯ୍ୟନ୍ତ ଗୋଚର ଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଉନ୍ନତ ଯୋଜନାଯୋଗ୍ୟ କିସମରେ ସରକାର ପରିଣତ କରିଛନ୍ତି । ଗରିବଙ୍କୁ ଗୋଷ୍ଠୀ ଆବାସ ଘର ଯୋଗାଇ ଥଇଥାନ କରିବା ସହିତ ଅନ୍ୟ କେତେକ ସରକାରୀ କାର୍ଯ୍ୟରେ ବ୍ୟବହାର ଲାଗି ଗତ କିଛିଦିନ ତଳେ ଜିଲାପାଳ ଓ ଅନ୍ୟ କେତେକ ଅଧିକାରୀ ଘଟଣାସ୍ଥଳ ବୁଲି ଦେଖିଥିଲେ । ସେଠାରେ ଗୋଷ୍ଠୀ ଗତଭାବେ ସାହି ନିର୍ମାଣ ଲାଗି ଏବେ ପ୍ରୟାସ ଆରମ୍ଭ ହୋଇଛି । ଏ ସମ୍ପର୍କରେ ଜଣାଯିବାପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଗ୍ରାମବାସୀମାନେ ସେଠାରେ ଗୋରୁ ଚରାଇବା, ପିଲାଙ୍କ ଖେଳପଡିଆଭାବେ ବ୍ୟବହାର କରିବା, କିଛିଅଂଶ ଶ୍ମଶାନ ଭାବେ ବ୍ୟବହାର ସହିତ ବିଭିନ୍ନ ସମୟରେ ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ଇତ୍ୟାଦି କରିଆସୁଥିଲେ । ଏ ସମ୍ପର୍କରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇ ଏହାକୁ ବିରୋଧ କରାଯିବାର ନିଷ୍ପତ୍ତି ହୋଇଛି । ତେଣୁ ଆଜି ଗ୍ରାମର ଦିଲ୍ଲିପ କୁମାର ପରିଡା, ଅମୂଲ୍ୟ କୁମାର ଦତ୍ତ, ରବିନ୍ଦ୍ର କୁମାର ଭୂୟାଁ, ସୁଧିର କୁମାର ଦାସ, ଭାଗବତ ପରିଡା, ହରିନାରାୟଣ ପରିଡା, ଧ୍ରୁବଚରଣ ବାରିକ, ନବୀନ ଭୂୟାଁ, ରାଧାଶ୍ୟାମ ଭୂୟାଁ, ତୋଷାର କୁମାର ପରିଡା, ସପନ କୁମାର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଆସି ସରକାରଙ୍କ ଏପରି ନିଷ୍ପତ୍ତିକୁ ବିରୋଧ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ପୌରଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହାର ପୁନଃବିଚାର କରାନଗଲେ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀମାନେ କହିଛନ୍ତି ।

## ୮୦ଭାଗ ପୋଡି ଯାଇଥିବା ସୁଜାତାର ଚିକିତ୍ସା ଲାଗି ସହାୟତା ନିବେଦନ

ଜଳେଶ୍ୱର ୨୬/୭(ନି.ପ୍ର) : ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଡାକ୍ତରଖାନାକୁ ଚିକିତ୍ସାଲାଗି ଆସିଥିବା ଜଣେ ୬ବର୍ଷର ଝିଅ ସୁଜାତା ପାତ୍ର ଶରିରର ୮୦ଭାଗ ନିଆଁରେ ପୋଡି ଯାଇଥିବାରୁ ପ୍ରଥମେ ବାଲେଶ୍ୱର ଫକିରମୋହନ ମେଡିକାଲ କଲେଜ ଓ ପରେ କଟକସ୍ଥିତ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ତାର ବାପା ସଂଜୟ ପାତ୍ର ଜଣେ ଦିନମଜୁରୀଆ ହୋଇଥିବାରୁ ସୁଜାତାର ଚିକିତ୍ସା ଲାଗି ଆର୍ଥିକ ସହାୟତା ଜରୁରୀ ହୋଇ ପଡିଛି । କୌଣସି ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯିବା ଲାଗି ସିଦ୍ଧାନ୍ତ ହୋଇଥିବାରୁ ତାଙ୍କୁ ଆଥିକ ସହାୟତା ଯୋଗାଇ ଦେବାକୁ ପାରିବାର ପକ୍ଷରୁ ନିବେଦନ କରାଯାଇଛି । ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତି ୯୧୭୮୧୦୦୫୪୯ ଗୁଗୁଲ ପେ କିମ୍ବା ଚନ୍ଦନ କୁମାର ପାତ୍ର ଏକାଉଣ୍ଟ ନଂ୯୧୮୦୧୦୦୦୭୩୬୧୫୦୭ ଏକ୍ସିବ୍ୟାଙ୍କ ଆଇଏଫଏସସି ନଂ-ୟୁଟିଆଇବି୦୦୦୧୨୨୬ରେ ଟଙ୍କା ଜମା କରିବାକୁ ନିବେଦନ କରାଯାଇଛି । ପ୍ରକାଶଯୋଗ୍ୟ ସଂଜୟ ପାତ୍ରଙ୍କ ଏକମାତ୍ର ଝିଅ ସୁଜାତା ଓ ୩ବର୍ଷର ପୁଅ ରହିଛନ୍ତି । ଗତ ଶନିବାର ଦିନ ମାଙ୍କୁ ଚୁଲି ଜଳିବାରେ ସହାୟତା କରୁଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା କୁହାଯାଇଛି ।

## କାର ଧକ୍କାରେ ଷଣ୍ଢ ମୃତ : ଅଭିଯୁକ୍ତ କାର ଚାଳକ ଗିରଫ

ବାରିପଦା,୨୬/୦୭ (ନି.ପ୍ର): ଗତ ଜୁଲାଇ ୧୬ ରାତି ସାଢ଼େ ୯ ସମୟରେ ବାରିପଦା ପୌରପରିଷଦର ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଓଡ଼ି ୧୧ ଡ଼ି ୫୫୬୪ ନମ୍ବର ବିଶିଷ୍ଟ କାରର ଚାଳକ ବେପରୁଆ ଭାବେ କାର ଚଳାଇ ଯାଉଥିବା ସମୟରେ ରାସ୍ତା ଉପରେ ଏକ ବୁଲା ଷଣ୍ଢକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଷଣ୍ଢର ମୃତ୍ୟୁ ହୋଇଥିଲା । ଉକ୍ତ ଘଟଣାକୁ ନେଇ ୱାର୍ଡ଼ ନମ୍ବର ୨୬ ବୁଢ଼ିଖମାରୀ ଅଞ୍ଚଳର ଜିତେନ୍ଦ୍ର ପଲେଇ ଜୁଲାଇ ୧୮ରେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ପକ୍ଷରୁ ଥାନାରେ ଆଇପିସି ଧାରା ୨୭୯, ୪୨୯ ଅନୁସାରେ କେଶ ନମ୍ବର ୬୫୬ରେ ଏକ ମାମଲା ରୁଜୁ କରାଯାଇ ବାରିପଦା ଭିଏସଙ୍କ ଦ୍ୱାରା ଷଣ୍ଢର ଶବ ବ୍ୟବଚ୍ଛେଦ କରାଯାଇ ତଦନ୍ତ ଜାରି ରହିଥିଲା । ଏହି ସମୟରେ କାରର ପଞ୍ଜିକରଣ ନମ୍ବର ଦ୍ୱାରା ମୟୂରଭଞ୍ଜ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟରୁ କାରର ମାଲିକ ଓ ଚାଳକଙ୍କ ସମ୍ପର୍କରେ ସୂଚନା ପ୍ରାପ୍ତି ହେବା ପରେ ବାରିପଦା ଟାଉନ ଥାନା ପୁଲିସ ଅଭିଯୁକ୍ତ ବାରିପଦା ସହରର ୱାର୍ଡ଼ ନମ୍ବର ୨୨ ରଘୁନାଥପୁର ଅଞ୍ଚଳର ଚନ୍ଦନ କୁମାର ବେହେରା(୩୦)ଙ୍କ ଓଡ଼ି ୧୧ ଡ଼ି ୫୫୬୪ ନମ୍ବର ବିଶିଷ୍ଟ କାରକୁ ଜବତ କରିବା ସହ ଆଇନ ଆନୁସାରେ ଅନୁସାରେ କାରର ସମସ୍ତ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ସହ ଥାନାରେ ଉପସ୍ଥିତ ହେବା ନିମନ୍ତେ ନୋଟିସ ଜାରି କରାଯାଇଥିଲା । ମାତ୍ର ଚନ୍ଦନ ବେହେରା ପୁଲିସର ନୋଟିସ ନେବାକୁ ପ୍ରତ୍ୟାଖ୍ୟାନ କରିବାରୁ ବାରିପଦା ଟାଉନ ଥାନା ପୁଲିସ ଜୁଲାଇ ୨୪ରେ ଚନ୍ଦନଙ୍କୁ ଗିରଫ କରି ବାରିପଦା ଏସଡ଼ିଜେଏମଙ୍କ ଅଦାଲତରେ ହାଜର କରାଇଥିଲେ । ଏକ ନିରୀହ ପ୍ରାଣୀକୁ ଧକା ଦେଇ ପ୍ରାଣ ନେଇଥିବା ଗାଡି ଚାଳକକୁ ଗିରଫ କରି ବାରିପଦା ଟାଉନ ଥାନା ଆଇଆଇସି ବିରେନ୍ଦ୍ର ସେନାପତି ଉଦାହରଣ ସୃଷ୍ଟି କରିଥିବା ମତ ରଖିଛନ୍ତି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ । କାରଣ ଏହିପରି ଅମାନିଆ ଗାଡି ଚାଳକମାନେ ଏହି ଘଟଣାରୁ ଶିକ୍ଷା ଲାଭ କରିବେ ଏବଂ ନୀରିହ ପ୍ରାଣୀଙ୍କୁ କ୍ଷତି ପହଂଚାଇବା ପୂର୍ବରୁ ଥରେ ଚିନ୍ତା କରିବେ ବୋଲି ସେ କହିଛନ୍ତି । ଏନେଇ ଆଇଆଇସି ଶ୍ରୀ ସେନାପତିଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଛି ।

## ଚାରି ସମସ୍ୟାର ସମାଧାନ ପାଇଁ ବୁଦ୍ଧିଜୀବି ଭେଟିଲେ ପୌରଅଧିକାରୀଙ୍କୁ

ଜଳେଶ୍ୱର ୨୬/୭(ନିପ୍ର) : ଜଳେଶ୍ୱର ପୌରପାଳିକାର ସାମ୍ପ୍ରତିକ ୪ଟି ସମସ୍ୟାର ସମାଧାନ ପାଇଁ ଆଜି ଜଳେଶ୍ୱରର ବୁଦ୍ଧିଜିବୀମାନେ ପୌରଅଧିକାରୀଙ୍କୁ ଭେଟି ଆଲୋଚନା କରିଥିବା ଜଣାଯାଇଛି । ପୌରାଞ୍ଚଳରେ ଥିବା ରାସ୍ତାଗୁଡିକ ମରାମତି, ହେଲ୍ଡିଂ ଟେକ୍ସ ସଂପର୍କରେ ସୁଚିନ୍ତିତ ଉପାୟ ବାରହାର କରିବା, ସହରର ଜଳ ନିଷ୍କାସନ ବ୍ୟବସ୍ଥା ଓ ଷ୍ଟ୍ରିଟ ଲାଇଟ୍ ଲଗାଇବା ଏବଂ ମରାମତି କରିବା ସମ୍ପର୍କରେ ଆଲୋଚନାଲାଗି ଏହି ବୁଦ୍ଧିଜିବୀମାନେ ପୌରଅଧିକାରୀଙ୍କୁ ଭେଟିଥିଲେ । ୨୦୦୬ ମସିହାରେ ହୋଲ୍ଡିଟ୍ୟାକ୍ସ ନିମନ୍ତେ ମାପଚୁପ ହୋଇଥିବା ବେଳେ ନିୟମ ଅନୁଯାୟୀ ୧୦ ବର୍ଷ ପରେ ଅଥାତ୍ ୨୦୧୬ ମସିହା କିମ୍ବା ଅଦ୍ୟାବଧି ତାହା ହୋଇନାହିଁ । ମ୍ୟୁନିସିପାଲଟିର ବେପାରୁଆ ଟିକସ ଧାର୍ଯ୍ୟକୁ ବିରୋଧ କରାଯାଇ ଆସୁଛି । ପୌରାଞ୍ଚଳର ଉଦ୍‌ବୃତ୍ତ ବର୍ଷପାଣି ଓ ଘରେ ବ୍ୟବହାର ହେଉଥିବା ପାଣିନିଷ୍କାସନ ଲାଗି ଅଦ୍ୟାବଧି ସୁ ବ୍ୟବସ୍ଥା ହୋଇ ନାହିଁ । ସେହିପରି କେତେକ ରାସ୍ତାର ମରାମତି ହେଉନଥିବାରୁ ଯାତାୟତରେ ଅସୁବିଧା ଏବଂ ଷ୍ଟ୍ରିଟଲାଇଟ୍ ଗୁଡିକ ଜଳୁନଥିବା କିମ୍ବା ନୂତନ ସଂଯୋଗ ହେଉନଥିବାରୁ ଅପରାଧିକାର୍ଯ୍ୟ ବୃଦ୍ଧି ପାଉଛି । ଏ ସବୁ ନେଇ ଆଜି ଅବସରପ୍ରାପ୍ତ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ସମାଜ କଲ୍ୟାଣ ବିକାଶ ପରିଷଦର ସଂପାଦକ ତଥା ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଇଂ ରାମଚନ୍ଦ୍ର ସାହୁ, ପ୍ରଫେସର ଡ. ରମାକାନ୍ତ ଭଂଜ, ପ୍ରଫେସର ଜିତାରାମ ଦେ, ଶରତ କୁମାର ପରିଡା, ବନମାଳି ଧଳ, ମୂରଲୀ ମୋହନ ପ୍ରଧାନ, ରଜନୀ କାନ୍ତ ଭୂୟାଁ, ରବିନ୍ଦ୍ର ପାତ୍ର, ରିଆଜ ଖାଁ, ରବିନାରାୟଣ ପାତ୍ର, ସତ୍ୟବ୍ରତ ସୋମ ଓ ଅବନୀଚାନ୍ଦ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ୧୫ ଦିନ ମଧ୍ୟରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ସଂପର୍କରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ସ୍ପଷ୍ଟ କରିଥିବା ବେଳେ ହୋଲ୍ଡିଟ୍ୟାକ୍ସ ସଂପର୍କରେ କୌଣସି ବ୍ୟକ୍ତି ତାଙ୍କ ସହ ଆଲୋଚନା କଲେ ତାହା ସମାଧାନ କରାଯିବ ବୋଲି କହିଥିଲେ ।

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ପ୍ରବୀଣ ସାମ୍ବାଦିକ, ଓଡ଼ିଆ ଭାଷାର ସୁରକ୍ଷା ସହିତ ଜାତୀୟତାବାଦୀ ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା, ପରାଧୀନ ଭାରତବର୍ଷର ଓଡ଼ିଶାରେ ସମ୍ବାଦପତ୍ର ସମ୍ପାଦନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ରାଜ୍ୟର ଜନସାଧାରଣଙ୍କର ସମସ୍ୟା ସହିତ ଭାଷାଭିତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଅଦମ୍ୟ ସାହସ ସଂଚୟ କରି ବିଭିନ୍ନ ଗଡ଼ଜାତରେ ଓଡ଼ିଆ ଭାଷାର ସୁରକ୍ଷା ସହିତ ବାମଣ୍ଡା ରାଜା ସାର୍ ବାସୁଦେବ ସୁତଳଦେବଙ୍କ ପ୍ରତିଷ୍ଠିତ ସମ୍ବଲପୁର ହିତୈଷିଣୀ, ଖଲ୍ଲିକୋଟରେ ପ୍ରଜାବନ୍ଧୁ ପତ୍ରିକା ସମ୍ପାଦନା, ଗଞ୍ଜାମର 'ଗୁଣଦର୍ପଣ', ବିଶ୍ୱନାଥ କରଙ୍କ ଉତ୍କଳ ମଧୁପ ସମ୍ପାଦନା କରିବା ସଙ୍ଗେସଙ୍ଗେ ଅର୍ଦ୍ଧ ଶତାଧିକ ପୁସ୍ତକ ରଚନା କରି ଓଡ଼ିଆ ଭାଷାର ବିକାଶ ସାଧନ ସହିତ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଥିବା ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତାଙ୍କ ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳରେ କୋଭିଡ୍ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳେଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବି.ଜେ.ଡି. ସାଂସ୍କୃତିକ ସେଲ ସଂଯୋଜକ ପ୍ରବୀର ମହାନ୍ତି, ପ୍ରଣବ ପଟେଲ, ବିଶିଷ୍ଟ ବିଦ୍ୱାନ କୃଷ୍ଣକେଶବ ଷଡ଼ଙ୍ଗୀ, ଆଦର୍ଶ ଶିକ୍ଷକ କାମଦେବ ମହାପାତ୍ର, ଅଧ୍ୟାପକ ଅସିତ ଦାସ, ବିକାଶ ଗିରି, ବ୍ରଜବନ୍ଧୁ ପରିଡ଼ା, ସମିତା ମହାରଣା, ରବି ନାରାୟଣ ନନ୍ଦ, ସତ୍ୟବ୍ରତ ଜେନା, ନାରାୟଣ ଓଝା, ତନ୍ମୟ ସାମନ୍ତରାୟ, ମାମାଲି ଦାସ, ଅଶୋକ ରାଉତ, ପ୍ରସନ୍ନ ବିଶୋୟୀ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଦୀପଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

## ଆଜି ରାଜ୍ୟରେ ୨୨୦୪ କରୋନା ଆକ୍ରାନ୍ତ ସୁସ୍ଥ ହେଲେ

ଭୁବନେଶ୍ୱର,୨୬/୦୭ (ନି.ପ୍ର): ଆଜି ରାଜ୍ୟରେ ୨୨୦୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାସହିତ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୯,୪୭,୩୮୧ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସର୍ବାଧିକ ଖୋର୍ଦ୍ଧା ଜିଲ୍ଲାରୁ ୪୮୯, କଟକ ଜିଲ୍ଲାରୁ ୩୩୦ଜଣ ସୁସ୍ଥ ହୋଇଛନ୍ତି। ସେହିପରି ଯାଜପୁର ଜିଲ୍ଲାରୁ ୨୨୩, ବାଲେଶ୍ୱରରୁ ୧୭୬, ଜଗତସିଂହପୁର ଜିଲ୍ଲାରୁ ୧୨୦, ମୟୂରଭଞ୍ଜରୁ ୯୭, ପୁରୀରୁ ୮୩, ଅନୁଗୁଳରୁ ୭୪, ଭଦ୍ରକ ଜିଲ୍ଲାରୁ ୭୪ଜଣ ସୁସ୍ଥ ହୋଇଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାରୁ ୫୯, କେନ୍ଦ୍ରାପଡ଼ା ଜିଲ୍ଲାରୁ ୫୦, ସୁନ୍ଦରଗଡ଼ ଜିଲ୍ଲାରୁ ୪୫, ଢେଙ୍କାନାଳ ଜିଲ୍ଲାରୁ ୪୩, ମାଲକାନଗିରି ଜିଲ୍ଲାରୁ ୩୨, କେଉଁଝର ଜିଲ୍ଲାରୁ ୨୭, ସମ୍ବଲପୁର ଜିଲ୍ଲାରୁ ୨୪, ନବରଙ୍ଗପୁର ଜିଲ୍ଲାରୁ ୧୯ଜଣ ସୁସ୍ଥ ହୋଇଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲାରୁ ୧୮, ବଲାଙ୍ଗୀର ଜିଲ୍ଲାରୁ ୧୭, ବଉଦ ଜିଲ୍ଲାରୁ ୧୬, ବରଗଡ଼ ଜିଲ୍ଲାରୁ ୧୫, କଳାହାଣ୍ଡି ଜିଲ୍ଲାରୁ ୧୩, କନ୍ଧମାଳ ଓ କୋରାପୁଟ ଜିଲ୍ଲାରୁ ୧୨ ଲେଖାଏଁ ସୁସ୍ଥ ହୋଇଛନ୍ତି। ସେହିପରି ସୋନପୁର ଜିଲ୍ଲାରୁ ୧୧, ଗଞ୍ଜାମ ଏବଂ ଝାରସୁଗୁଡ଼ା ଜିଲ୍ଲାରୁ ୧୦ଜଣ ଲେଖାଏଁ, ନୂଆପଡ଼ା ଜିଲ୍ଲାରୁ ୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ବୋଲି ଡିପାର୍ଟମେଂଟ ପକ୍ଷରୁ ସୂଚନା ମିଳିଛି।

## ନିଧିପଣ୍ଡା-ପରିଖି ରାସ୍ତା : ନିର୍ମାଣ ଦାବିରେ ପ୍ରତୀକ ରାସ୍ତାରୋକ

ବାଲେଶ୍ୱର,୨୬/୦୭ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ନିଧିପଣ୍ଡା - ପରିଖି ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ପ୍ରତିବାଦର ସ୍ୱର ଉଠାଇଛି ଉତ୍କଳ ସମାଜ। ରାସ୍ତା ମରାମତି ଦାବିରେ ସଂଗଠନ ସୋମବାର ନିଧିପଣ୍ଡା ରେଳ ପୋଲ ନିକଟରେ ରାସ୍ତାରୋକ କରାଯାଇଥିଲା । ଉତ୍କଳ ସମାଜର ମୁଖ୍ୟ ଡ. ଭାସ୍କର ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଦୀର୍ଘ ସମୟ ଧରି ରାସ୍ତାରୋକ କରିଥିଲେ। ୬୦ନଂ ଜାତୀୟ ରାଜପଥର ନିଧିପଣ୍ଡା ଠାରୁ ପରଖି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଉପରେ ଓଡ଼ଙ୍ଗୀ, ଓଲନ୍ଦାସାରଗାଁ, ସିନ୍ଧିଆ, ଗୋପୀନାଥପୁର, ପରିଖି, ବାହାବଳପୁର, ନଗ୍ରମ, ବୁଆଁଳ, ବଇଁଚା ପ୍ରଭୃତି ପଞ୍ଚାୟତର ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ମାତ୍ର ପ୍ରାଶାସନିକ ଉଦାସୀନତା ଯୋଗୁଁ ଦୀର୍ଘ ୫୦ବର୍ଷ ଧରି



ଅବହେଳିତ ଅବସ୍ଥାରେ ଲୋକେ ରହିଥିବା ଡକ୍ଟର ଜେନା ଆରୋପ କରିଛନ୍ତି । ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଜାତୀୟ ରାଜପଥ ଦେଇ ବିଭିନ୍ନ ପଞ୍ଚାୟତକୁ ଲୋକେ ବାଲିଘାଟ ପୋଲ ଦେଇ ଯାଉଛନ୍ତି। ୨୪ ଘଣ୍ଟା ଧରି ବଡ଼ ବଡ଼ ଡମ୍ପର, ଟ୍ରାକ୍ଟର, ଟ୍ରକ ପ୍ରଭୃତି ଭାରୀଯାନ ଯାତାୟତ ସାଙ୍ଗକୁ ନିୟମିତ ମରାମତି ଅଭାବ ଯୋଗୁଁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁଁ ଗ୍ରାମବାସୀମାନେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି। ପ୍ରତି ନିର୍ବାଚନ ବେଳେ ନେତା, ମନ୍ତ୍ରୀମାନେ ଏ ଅଞ୍ଚଳକୁ ଆସନ୍ତି ଓ ପ୍ରତିଶ୍ରୁତି ଦିଅନ୍ତି ମାତ୍ର ପରବର୍ତ୍ତୀ ସମୟରେ ସବୁ ଭୁଲି ଯା'ନ୍ତି ବୋଲି ଗ୍ରାମବାସୀମାନେ ଆରୋପ କରିଛନ୍ତି। ଶୋଚନୀୟ ରାସ୍ତା ଯୋଗୁଁ ଏ ଅଞ୍ଚଳର ଲୋକେ ଆମ୍ବୁଲାନ୍ସ ଓ ଦମକଳ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏମିତିକି ଖରାପ ରାସ୍ତା ଯୋଗୁଁ ପୁଲିସ ପାଟ୍ରୋଲି ବନ୍ଦ ରହିବା 'ଲରେ ଅପରାଧୀମାନେ ଏବେ ସକ୍ରିୟ ହୋଇ ଉଠିଥିବା ଆନ୍ଦୋଳନକାରୀ ଗ୍ରାମବାସୀ କହିଛନ୍ତି। ନିଧିପଣ୍ଡା-ପରିଖି ରାସ୍ତାର ତୁରନ୍ତ ପୁନଃନିର୍ମାଣ ସହ ରେଳ ଓଭର ବ୍ରିଜ ନିକଟରେ ସାଧାରଣ ବ୍ୟବହାର ପାଇଁ ପୃଥକ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ପ୍ରାୟ ୩ଘଣ୍ଟାର ପ୍ରତୀକ ରାସ୍ତାରୋକ ପରେ ଗ୍ରାମବାସୀମାନେ ଜିଲାପାଳଙ୍କୁ ସାକ୍ଷାତ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରଶାସନ ଏ ଦିଗରେ ତୁରନ୍ତ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଉତ୍କଳ ସମାଜ ପକ୍ଷରୁ ଜାତୀୟ ରାଜପଥ ଅବରୋଧ ଓ ରେଳରୋକ କରାଯିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଡ. ଜେନାଙ୍କ ସମେତ ରବୀନ୍ଦ୍ର ରାଉତ, ହରିହର ରାଉତ, ଶୁଭମ ସାହୁ, ବିଜୟ ରାଉତ, ଶରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତନ ସେନାନୀ ସଂଘ ପକ୍ଷରୁ କାରଗିଲ ବିଜୟ ଦିବସ




ବାଲେଶ୍ୱର,୨୬/୦୭ (ନି.ପ୍ର): ଭାରତୀୟ ପୂର୍ବତନ ସେନାନୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ୨୨ତମ କାରଗିଲ ବିଜୟ ଦିବସ ସୋମବାର ପାଳିତ ହୋଇଛି। ସଂଗଠନର କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ସଭାପତି କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସମ୍ପାଦକ ଆନନ୍ଦ ବରାଳ, ସହ-ସମ୍ପାଦକ ବିଜୟାନନ୍ଦ ଜେନା, ଆଇନ ପରାମର୍ଶଦାତା ଜୟନ୍ତ କୁମାର ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ କାରଗିଲ ଯୁଦ୍ଧରେ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାରଗିଲ ଯୁଦ୍ଧରେ ବିଜୟ ଭାରତୀୟ ସେନା ସମେତ ରାଷ୍ଟ୍ର ପାଇଁ ଗୌରବର ପରିଚୟ ବୋଲି ସଂଘର କର୍ମକର୍ତ୍ତାମାନେ କହିଥିଲେ।

## କ୍ୟୁବା ଘଟଣାରେ ଆମେରିକାର ଚକ୍ରାନ୍ତ : ଅର୍ଥନୈତିକ ହଟାଇବାଲାଗି ସିପିଏମ୍‌ର ଦାବି

ଜଳେଶ୍ୱର, ୨୬/୭(ନି.ପ୍ର): ଜାତୀୟ କ୍ୟୁବା ସଂଘତି କମିଟି ଓ ସର୍ବଭାରତୀୟ ଶାନ୍ତି ଓ ସଂଘତି ସଂଗଠନ ପକ୍ଷରୁ ଆଜି ବିଶ୍ୱ ବ୍ୟାପି କ୍ୟୁବା ସଂଘତି ଦିବସ ପାଳନ ହୋଇଛି । ଜଳେଶ୍ୱରର ସିପିଏମ୍ ଓ କେତେକ ଗଣ ସଂଗଠନ ଆମେରିକାର ଚକ୍ରାନ୍ତ ବିରୋଧରେ କ୍ୟୁବା ପ୍ରତି ସଂଘତି ଓ ସମବେଦନା ଜଣାଇଛନ୍ତି । ଏକ ସମାଜବାଦୀ ରାଷ୍ଟ୍ରକୁ ଧ୍ୱଂସ କରି ଦେବାପାଇଁ ଆମେରିକା ଯୋଜନା ପ୍ରସ୍ତୁତ କରିଛି ଓ ସାମାଜିକ ଗଣମାଧ୍ୟମରେ ମିଥ୍ୟା ପ୍ରଚାର କରିଚାଲିଛି । ଏବେ କ୍ୟୁବାରେ ଖାଦ୍ୟ ସାମଗ୍ରୀ ଓ ଔଷଧ, ବିଜୁଳିର ଘୋର ଅଭାବ ଦେଖା ଦେଇଛି । କରୋନା ମହାମାରୀ ସମୟରେ କ୍ୟୁବା ୧୫୧ଟି ଦେଶକୁ ଡାକ୍ତର ଓ ନର୍ସ ପଠାଇ ଏକ ଉଦାହରଣ ସୃଷ୍ଟି କରିଥିବା ବେଳେ ଆମେରିକାର ସେ ରାଷ୍ଟ୍ରର ସାର୍ବଭୌମ ଘଟଣାରେ ହସ୍ତକ୍ଷେପ କରିବା ସହିତ ଏକ ହୀନ ଚକ୍ରାନ୍ତ କରୁଥିବା ସେମାନେ କହିଛନ୍ତି । ଆମେରିକାର ଏହି ନିତିକୁ ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ପଲ୍ଟୁ ଦାସ, ଜୀବନ ପରିଡା, ରବିନ୍ଦ୍ର ବାରିକ, ସେକ୍ ଅବଦୁଲ ସାଦ୍ଦିକ, ଲକ୍ଷ୍ମୀଧର ପଲାଇ, ଯାଦବ ମାଝି, ମଂଗଳ ମାରାଣ୍ଡି, ଇନ୍ଦୁ ବାଳା ସୁର ଓ ରମେଶ ରଣା ପ୍ରମୁଖ ବିରୋଧ କରି ବକ୍ତବ୍ୟ ପ୍ରଦାନ କରିଛନ୍ତି ।

## ଉଚ୍ଚ ବିଦ୍ୟାଳୟରେ ଅଫଲାଇନ ପାଠପଢ଼ା ଆରମ୍ଭ

### ଜିଲ୍ଲାର ୫୨୦ ସ୍କୁଲକୁ ଆସିଲେ ଦଶମ ଛାତ୍ରଛାତ୍ରୀ

ବାଲେଶ୍ୱର,୨୬/୦୭ (ନି.ପ୍ର): ଦ୍ୱିତୀୟ ଲହର କରୋନା ସଂକ୍ରମଣ ହ୍ରାସ ପରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଦୀର୍ଘ ୩ମାସ ଧରି ବନ୍ଦଥିବା ବିଦ୍ୟାଳୟ ସୋମବାର ଖୋଲିଛି। ବାଲେଶ୍ୱର ସମେତ ସମଗ୍ର ରାଜ୍ୟରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ସ୍କୁଲ ଓ କଲେଜକୁ ଆସିଛନ୍ତି। ଏହି କ୍ରମରେ ସରକାରଙ୍କ କୋଭିଡ କଟକଣା ମାନି ବାଲେଶ୍ୱର ଜିଲାର ୫୨୦ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଆସିଥିବା ଲକ୍ଷ୍ୟ କରାଯାଇଛି। ବିଦ୍ୟାଳୟମାନଙ୍କରେ ସାମାଜିକ ଦୂରତା ରକ୍ଷା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଥର୍ମାଲ ସ୍କ୍ରିନିଂ ଓ ସାନିଟାଜର ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ତେବେ ଦୀର୍ଘ ୩ ମାସ ପରେ ବିଦ୍ୟାଳୟକୁ ଆସୁଥିବା ଯୋଗୁଁ



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦୀପନା ବେଶ ବାରି ହୋଇପଡ଼ୁଛି। ପ୍ରଥମ ଲହର କରୋନା ବେଳେ ୯ମାସ ଓ ଦ୍ୱିତୀୟ ଲହର ସଂକ୍ରମଣ କାଳର ୩ମାସ ବିଦ୍ୟାଳୟ ବନ୍ଦ ରହିଥିଲେ ବି ସେମାନେ ଅନଲାଇନରେ ପାଠ ପଢୁଥିଲେ ବୋଲି ଛାତ୍ରଛାତ୍ରୀମାନେ କହିଛନ୍ତି। ତେବେ ପାଠପଢ଼ା ବନ୍ଦ ହୋଇନଥିଲେ ବି ବିଦ୍ୟାଳୟକୁ ଆସିବା ପାଇଁ ସେମାନଙ୍କ ମଧ୍ୟରେ ଉତ୍ସୁକତା ବୃଦ୍ଧି ପାଇଥିଲା। ସରକାରୀ ନିର୍ଦ୍ଦେଶାନୁସାରେ ଅଭିଭାବକଙ୍କ ଅନୁମତି ପତ୍ର ସହ ବିଦ୍ୟାଳୟକୁ ଆସିଥିବା ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ କୋଭିଡ ଗାଇଡଲାଇନ ଅନୁସାରେ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରାଯାଉଥିବା ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ସୂଚନା ଦେଇଛନ୍ତି। ଶ୍ରେଣୀଗୃହରେ ଅତିବେଶୀରେ ୨୫ ଜଣ ପିଲା ବସୁଥିବା ବେଳେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଢ଼ ମିଟର ଦୂରତା ରହୁଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। କେବଳ ଛୁଟିଦିନ ଓ ରବିବାର ବ୍ୟତୀତ ଅନ୍ୟ ସମସ୍ତ ଦିନରେ ବିଦ୍ୟାଳୟରେ ପାଠପଢ଼ା ହେବ। ସକାଳ ୧୦ଟାରୁ ଦିନ ଦେଢଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଶ୍ରେଣୀଗୃହ ପାଠପଢାରେ କୌଣସି ପ୍ରକାର ଖେଳ ଛୁଟି ବା ଟିଫିନ ଖାଇବା ସମୟ ଦିଆଯିବ ନାହିଁ । ଆସନ୍ତା ୩୦ ତାରିଖରୁ ହେବାକୁ ଥିବା ଅଫଲାଇନ ମ୍ୟାଟ୍ରିକ ପରୀକ୍ଷା ପାଇଁ ସ୍କୁଲରେ ପାଠପଢା ବନ୍ଦ ରହିବ । ତେବେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କୁ କୋଭିଡ ସଂକ୍ରମଣ ସମ୍ପର୍କରେ ବ୍ୟାପକ ସଚେତନ କରାଯାଉଥିବା ଜିଲାର ବିଭିନ୍ନ ହାଇସ୍କୁଲର ଶିକ୍ଷକମାନେ ସୂଚନା ଦେଇଚନ୍ତି।

## ବିଭିନ୍ନ ସମସ୍ୟା ନେଇ ଓଷ୍ଟା ପକ୍ଷରୁ ଭର୍ଚ୍ଚୁଆଲ ସମ୍ମିଳନୀ

ବାରିପଦା,୨୬/୦୭ (ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ (ଅଷ୍ଟା) ପକ୍ଷରୁ ଆଜି ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟକାରିଣୀ ସଭ୍ୟ ମାନଙ୍କ ମଧରେ ଭର୍ଚ୍ଚୁଅଲ ମାଧମରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସ୍ଥାୟୀ ସଭାପତି ସନ୍ତୋଷ କୁମାର କାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଭିତରେ ୨୦୧୫ ମସିହା ସୁଦ୍ଧା ଅନୁଦାନ ଯୋଗ୍ୟ (୧୭୭+୪୦) ବିଦ୍ୟାଳୟଙ୍କୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ମାନଙ୍କୁ ଅବିକଳ ସପ୍ତମ ବେତନ କମିଶନ ଆଧାରରେ ବେତନ ପ୍ରଦାନ ସହିତ ଚାକିରୀ ସର୍ତ୍ତାବଳୀ ଲାଗୁ କରିବା, ୪୮ ବର୍ଷପୂରଣ କରିଥିବା ହିନ୍ଦି ଏବଂ ସଂସ୍କୃତ ଶିକ୍ଷକ ମାନଙ୍କୁ ତାଲିମ ପ୍ରାପ୍ତ ହାରରେ ବେତନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକର ସରକାରୀ କରଣ, କରୋନାରେ ମୃତ କର୍ମଚାରୀଙ୍କ ପରିବାରକୁ ଅନୁକମ୍ପା ମୂଳକ ସାହାର୍ଯ୍ୟ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ମୃତକର୍ମଚାରୀ ମାନଙ୍କ ପରିବାରର ଜଣେ ସଦଶ୍ୟଙ୍କୁ ଅନୁରକ୍ଷା ମୂଳକ ନିଯୁକ୍ତି ପ୍ରଦାନ, ୧ ଅନୁପାତ ୧ ହାର ରେ ଆର.ଏ.ସି.ପି. ଲାଗୁ କରିବା , ଠିକା କାର୍ଯ୍ୟକାଳକୁ ନିୟମିତ ଧରିବା ଆଦି ଦାବୀ ଗୁଡିକ ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା । ଏଥି ସହିତ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସର ରେ ମୁଖ୍ୟମନ୍ତ୍ରୀ ତଥା ଗଣଶିକ୍ଷା ଓ ଉଚ୍ଚ ଶିକ୍ଷା ଉଭୟ ବିଭାଗର ମନ୍ତ୍ରୀ ଙ୍କ ଉଦେଶ୍ୟରେ ଜିଲ୍ଲା ମିଳିତ ମଂଚ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ ମାଧମରେ ଦାବୀ ପତ୍ର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଥିବାର ଜଣା ଯାଇଛି । ଉକ୍ତ ସଭାରେ ରାଜ୍ୟ କାର୍ଯ୍ୟ କାରିଣୀର କାର୍ଯ୍ୟକାରୀ ସଭାପତି ଭୀକାରୀ ସାହୁ, ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ରଂଜନ କୁମାର ଦାସ, ଶୈକ୍ଷିକ ସମ୍ପାଦକ ଭରତ ଚନ୍ଦ୍ର ବରାଳ, ଶିକ୍ଷା ପ୍ରଦୀପ ଯୁଗ୍ମ ସମ୍ପାଦକ ଜ୍ଞାନ ରଂଜନ ପାଣିଗ୍ରାହୀ ଓ ସୁରେନ୍ଦ୍ର କୁମାର ବେହେରା, ରାଜ୍ୟ କାର୍ଯ୍ୟ କାରିଣୀ ସଭ୍ୟ ସୁବଳ ଦାସ ମହାପାତ୍ର, ମୟୂରଭଂଜ-୨ ର ସଭାପତି ମନୋରଂଜନ ରାଉତ, ସମ୍ପାଦକ ଚିତ୍ତ ରଂଜନ ପଳତା ଓ ଦୂର୍ଯ୍ୟଧନ ବେହେରା ଉଭୟ ସାଂଗଠନିକ ଜିଲ୍ଲା ତଥା ସମସ୍ତ ବ୍ଲକର କାର୍ଯ୍ୟକାରିଣୀ ସଭ୍ୟ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲ୍ଲା ଉପ ସଭାପତି ବିଜୟ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆବାସ ଯୋଜନା ବିଭ୍ରାନ୍ତି ଲାଗି ବିଜେପି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ଜଳେଶ୍ୱର, ୨୬/୭ (ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ଆବାସ ଯୋଜନାରେ ବ୍ୟାପକ ହେରଫେର , ଚଞ୍ଚକତା ଓ ରାଜନୈତିକ ଉଦ୍ଦେଶ୍ୟ ରଖି ଆବାସ ଯୋଜନା ବଣ୍ଟନ ଓ ତାଲିକା ପ୍ରକାଶ ପାଇଥିବାରୁ ଏହାକୁ ବିଜେପି ପକ୍ଷରୁ ବିରୋଧ କରାଯାଇ ଆସୁଛି । ଆଜି ଖାଲିନା, ପଶ୍ଚିମବାର୍ଡ, ପାଇକସିଦା ପଂଚାୟତରୁ ବହୁ ଯୋଗ୍ୟ ହିତାଧିକାରୀମାନେ ତାଲିକାରେ ଅନ୍ତର୍ଭୁକ୍ତ ହୋଇନଥିବାରୁ ପଂଚାୟତର ବହୁ ମଳିଳା ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୧୦ନଂ ଜୋନ୍ ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ଜିଲାପରିଷଦ ପ୍ରାର୍ଥିନୀ ସୁମତି ଦେ, ୭ନଂ ଜୋନ୍ ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ୯ନଂ ଜୋନ୍ ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ ଓ ୮ନଂ ଜୋନ୍ ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରୁ ନାମ ବାଦ ପଡିବା ନେଇ ଅଭିଯୋଗ : ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବାଲିଆପାଳ,୨୬/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ନାମ ବାଦ ପଡିଥିବା ଅଭିଯୋଗ କରି ଆଜି ବାଲିଆପାଳ ବ୍ଲକ ପଂଚୁପାଲି ପଂଚାୟତର ଶତାଧିକ ପୁରଷ ଓ ମହିଳା ଆସି ବ୍ଲକ ଆଗରେ ଧାରଣାରେ ବସିଥିଲେ । ମିଳିଥିବା ସୂଚନା ଅନୁସାରେ ଏହି ପଂଚାୟତର ଅଧିକାଂଶ ଗ୍ରାମବାସୀ ଗରିବ, ହରିଜନ ଓ ଆଦିବାସୀ ବର୍ଗର ଅଟନ୍ତି । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଗରିବ ଲୋକଙ୍କର ସର୍ଭେ ଚାଲିଛି । ତେବେ ଯେଉଁ ଲୋକମାନଙ୍କର ତାଲିକା ନେଇ ବ୍ଲକ କର୍ମଚାରୀ ମାନେ ସର୍ଭେ କରୁଛନ୍ତି ସେଥିରେ ପୂର୍ବରୁ ନାମ ଥିବା ବହୁ ଗରିବ ଲୋକଙ୍କର ନାମ ନାହିଁ । ଚଂଚକତା କରାଯାଇ ସର୍ଭେ



ତାଲିକାରୁ ବହୁ ଗରିବ ଲୋକଙ୍କର ନାମ ବାଦ ଦିଆଯାଇଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ସର୍ଭେ ତାଲିକାରେ ସେମାନଙ୍କର ନାମ ଯୋଡିବାକୁ ଆଜି ଗ୍ରାମର କଳ୍ପନା ଗିରି, ନାରାୟଣ ଜେନା, ରବିନ୍ଦ୍ର ସାହୁ, ସଞ୍ଜୟ ଗିରି, ସୁବାଶିଷ ପଟ୍ଟାୟତ, ପଂଚାନନ ବେହେରା, ଉର୍ମିଳା ଦାସ, ଚାମଟା ମାଝି, ଅଜୟ ମାଝି, ବଳରାମ ମାଝି, କାର୍ତ୍ତୀକ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ବିଡିଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ । ପରେ ବିଡିଓ ଲଳିତ ସୋରେଙ୍ଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିଡିଓ ଶ୍ରୀ ସୋରେଙ୍ଗ ଅଭିଯୋଗର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି ।

## ପତ୍ନୀହନ୍ତା ସ୍ୱାମୀ ଗିରଫ

ଭଦ୍ରକ,୨୬/୦୭ (ନି.ପ୍ର): ଅମାନୁଷିକ ଭାବେ ସ୍ତ୍ରୀକୁ କୁରାଢିରେ ଛେଚି ହତ୍ୟା କରିଥିବା ସ୍ୱାମୀ ଗୋବିନ୍ଦ ସାହୁକୁ ଗ୍ରାମା ଳ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। କାଉପୁର ଏଡାଦେଇ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସଂଘଟିତ ହୋଇଥିଲା ହତ୍ୟାକାଣ୍ଡ। ଗୋବିନ୍ଦ ତାଙ୍କ ସ୍ତ୍ରୀ ଛବିଲତାଙ୍କୁ କୁରାଢିରେ ଛେଚି ମାରି ଦେଇଥିଲେ। ଶନିବାର ପୁଲିସ ଶବ ଉଦ୍ଧାର ବ୍ୟବଚ୍ଛେଦ କରାଇଥିଲା। ଗୋବିନ୍ଦକୁ ଥାନାକୁ ଆଣି ପଚରା ଉଚୁରା କରୁଥିବା ବେଳେ ଗିରଫ କରିଥିବା ଆଇଆଇସି ଆଲୋକ ଜେନା ସୂଚନା ଦେଇଛନ୍ତି। ଆକ୍ରମଣରେ ବ୍ୟବହୃତ କୁରାଢୀ ମଧ୍ୟ ଜବତ ହୋଇଛି।

## ସୁବର୍ଣ୍ଣରେଖା ନଦୀରେ ପାଣି ବୁଡିବାକୁ ଯାଇ ୧୨ ବର୍ଷର ବାଳକ ନିଖୋଜ

ବାଲିଆପାଳ,୨୬/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଘଂଟୁଆ ପଂଚାୟତ ଧରମଦ୍ୱାର ଗ୍ରାମରେ ଏକ ଅଭାବନୀୟ ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇଦେଇଛି । ଏହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ରଣାଙ୍କର ୧୩ ବର୍ଷର ପୁଅ ଶୁଭମ ନିଜ ସାନଭାଇ, ମାଉସି ଏବଂ ଗ୍ରାମର ଅନ୍ୟ କିଛି ପିଲାଙ୍କ ସହିତ ନିକଟସ୍ଥ ସୁବର୍ଣ୍ଣରେଖା ନଦୀକୁ ବୋଲବମ ପାଣି ଆଣିବାକୁ ଯାଇଥିଲେ । ଆଜି ଶ୍ରାବଣ ମାସର ପ୍ରଥମ ସୋମବାର ଥିବାରୁ ସମସ୍ତେ ପାଖ ଶିବ ମନ୍ଦିରରେ ନିଜ ମନସ୍କାମନା ପୂରଣ ପାଇଁ ପାଣି ଢାଳିଥାନ୍ତେ । କିନ୍ତୁ ଭଗବାନଙ୍କ ବିଚାର ଥିଲା ଅଲଗା ସମସ୍ତେ ପାଣିରେ ଗାଧୋଉ ଥିବା ବେଳେ ଶୁଭମର ଗୋଡ ଖସିଯିବାରୁ ସେ ଏକ ଗଭୀର ଗଣ୍ଡରେ



ବୁଡିଯାଇଥିଲା । ଅନ୍ୟମାନେ ତାଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଗ୍ରାମରେ ଏ ଖବର ପହଁଚିବା ପରେ ବାଲିଆପାଳ ଦମକଳ ବାହିନୀକୁ ଖବର ଦିଆଯାଇଥିଲା । ଦମକଳ ବିଭାଗର କର୍ମଚାରୀ ମାନେ ଆସି ଦିର୍ଘ ସମୟ ଧରି ନଦୀରେ ଖୋଜା ଖୋଜି କରିଥିଲେ ମଧ୍ୟ ପିଲାଟିର ପତ୍ତା ମିଳିନଥିଲା । ଶେଷରେ ବାଲେଶ୍ୱର ଓଡ୍ରାଫ ଟିମକୁ ଖବର ଦିଆଯାଇଥିଲା । ମଧ୍ୟାହ୍ନରେ ଓଡ୍ରାଫ ଟିମ ଘଟଣାସ୍ଥଳରେ ପହଞ୍ଚି ପାଣିରେ ବହୁତ ସମୟ ଖୋଜି ଥିଲେ । ତେବେ ସନ୍ଧ୍ୟା ପର୍ଯ୍ୟନ୍ତ ଶୁଭମର ପତା ମିଳିନାହିଁ । ଶୁଭମର ପିତା ପୂର୍ଣ୍ଣଚନ୍ଦ୍ର ରଣା କଲିକତାରେ କାମ କରୁଥିବା ବେଳେ ସେ ନିକଟସ୍ଥ ଘଂଟୁଆ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପାଠପଢୁଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ଜ୍ୟୋତିଶ୍ରୀଙ୍କ ଘରେ ପହଞ୍ଚିଲା ପ୍ରଶାସନ : ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ

ବାଲିଆପାଳ,୨୬/୦୭ (ନି.ପ୍ର): ଜିଲ୍ଲା ପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ ଏବଂ ବାଲିଆପାଳ ତହସିଲଦାର ଦିପକ କୁମାର ଦାସ ବାପ-ମା ଛେଉଁଣ୍ଡ ଜ୍ୟୋତିଶ୍ରୀଙ୍କ ନୟାବାଲି ସ୍ଥିତ ବାସଭବନରେ ପହଁଚି ପ୍ରଶାସନ ପକ୍ଷରୁ ତାଙ୍କୁ ୧୦ ହଜାର ଟଙ୍କାର ସହାୟତା ରାଶି ଚେକ ଆକାରରେ ପ୍ରଦାନ କରିଛନ୍ତି । ଏଥିସହ ଜ୍ୟୋତିଙ୍କୁ ଛାତ୍ରାବାସରେ ରଖି ପାଠ ପଢାଇବା ସହ ସମସ୍ତପ୍ରକାର ସରକାରୀ ସହାୟତା ଯୋଗଇ ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି ।ଜ୍ୟୋତିଶ୍ରୀଙ୍କ ମା ନୟାବାଲି ଗ୍ରାମର ଅଙ୍ଗନବାଡି ସହାୟିକା ରେବତୀ ପରିଡାଙ୍କର ଗତ ୧୦ ତାରିଖରେ



କରୋନାରେ ମୃତ୍ୟୁ ହୋଇଯାଇଥିଲା । ପୂର୍ବରୁ ମଧ୍ୟ ତାଙ୍କର ବାପା କ୍ୟାନସରରେ ମୃତ୍ୟୁବରଣ କରିଥିଲେ । ପରିବାରର ଅନ୍ୟ କେହି ସଦସ୍ୟ ନଥିବାରୁ ଜ୍ୟୋତିଶ୍ରୀ ଅସହାୟ ଅବସ୍ଥାରେ ନିଜର ୮୦ ବର୍ଷୀୟା ବୃଦ୍ଧା ଆଈଙ୍କ ଦାୟିତ୍ୱରେ ଏବେ ରହିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo